୨୬ତମ ପ୍ରତିଷ୍ଠା ଦିବସ ସମାରୋହ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବର କାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

Voö.26 . No.288 Bhubaneswar Tuesday December 31 2024 | ୨୬ତମ ବର୍ଷ ସଂଖ୍ୟା–୨୮୮ ଭୁବନେଶ୍ୱର, ମଙ୍ଗଳବାର, ଡିସେମ୍ବର ୩୧, ୨୦୨୪ | (୮ ପୃଷ୍ଠା) | ମୂଲ୍ୟ–୧.୫୦ ₹ 1.50 (Air Surcharge - 0.50P) | Member-INS

## ଜବରଦସ୍ତ ଲୁକ୍ସ... ହାଇପ୍ରୋଫାଇଲ୍ ଗେଟଅପ୍...

ଭୁବନେଶ୍ୱର,୩୦।୧୨(ପି.ଏନ): ଜବରଦସ୍ତ ଲୁକ୍ସ। ହାଇପ୍ରୋଫାଇଲ୍ ଗେଟଅପ୍। ଏଭଳି ଚହଟ ଚିକ୍କଣ ଚେହେରାଧାରୀ କେତେ ଲୋକଙ୍କୁ ବାୟା କରିଛନ୍ତି, ତା'ର ହିସାବ ଖୋଜୁଛି ଭୁବନେଶ୍ୱର କମିସନରେଟ୍ ପୁଲିସ। ଯାହାଙ୍କ ନାଁ ହଂସିତା ଅଭିଲିପ୍ସା ଓ ଅନୀଲ ମହାନ୍ତି।ରାଜଧାନୀର ଛାତି ଉପରେ ଖେଳୁଥିଲେ ଚୁନା ଲଗାଇବାର ଖେଳ। ହଜାରେ କି ଲକ୍ଷେ ନୁହେଁ, କୋଟି କୋଟି ଟଙ୍କା ଚୁନା ଲଗାଉଥିଲେ ଅତି ଚତୁରତାର ସହ। ନିଜକୁ ପତି–ପତ୍ନୀର ପରିଚୟ ଦେବା ସହ ଚଳାଇଥିଲେ ରାକେଟ୍। ବେଶଭୂଷା ଆଉ ହାବଭାବ ଦେଖିଲେ ମଧ୍ୟ କେହି ସନ୍ଦେହ କରୁନଥିଲେ। ଫସିଯାଉଥିଲେ ମହାଠକେଇର ମାୟାଜାଲରେ। ଶେଷରେ ଉଭୟଙ୍କୁ ବାନ୍ଧିଛି ଇନଫୋସିଟି ପୁଲିସ। ବିଏନ୍ଏସ୍ ଧାରା ୩୧୮ (୪) ଅର୍ଥାତ ଠକେଇ, ୩୧୯(୨) ଜାଲ୍ ପରିଚୟ ଦେଇ ଠକିବା, ୩୧୯(୩) ଜଣଙ୍କ ଘରକୁ ବେଆଇନ ଭାବେ ପଶିବା ଆଦି ଏକାଧିକ ମାମଲାରେ ଛନ୍ଦି ଉଭୟଙ୍କୁ ପୁଲିସ କୋର୍ଟ ଚାଲାଣ କରିଛି।





### ଜାନୁୟାରୀ ୩ରୁ ଭୁବନେଶ୍ୱରରୁ ଆଉ ୫ ସହରକୁ ସିଧାସଳଖ ବିମାନ ସେବା

ଭୁବନେଶ୍ୱର,୩୦।୧୨(ପି.ଏନ): ନୂଆବର୍ଷରୁ ଓଡିଶାର ଦୁଇ ପ୍ରମୁଖ ବିମାନ ବନ୍ଦର ଭୁବନେଶ୍ୱର ଓ ଝାରସୁଗୁଡାରୁ ମିଳିବ ଅଧିକ ସହରକୁ ସିଧାସଳଖ ବିମାନସେବା । ଜାନୁୟାରୀ ୧ରୁ ଝାରସୁଗୁଡା ବିମାନ ବନ୍ଦରରୁ ଅଧିକ ୪ଟି ସହରକୁ ଆଉ ଜାନୁୟାରୀ ୩ରୁ ଭୁବନେଶ୍ୱର ବିମାନ ବନ୍ଦରରୁ ଆଉ ୫ଟି ସହରକୁ ସିଧାସଳଖ ବିମାନ ସେବା ମିଳିବ।ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଏହି ସୂଚନା ଦେଇଛନ୍ତି । ପୂର୍ବରୁ ପ୍ରାୟ ଦେଢ଼ମାସ ତଳେ ଏହି ସିଧାସଳଖ ବିମାନ ସେବା ସଂକ୍ରାନ୍ତରେ ମୁଖ୍ୟମନ୍ତ୍ରୀ ମଧ୍ୟ ନିଜ ଟ୍ୱିଟ୍ ମାଧ୍ୟମରେ ସୂଚନା ଦେଇଥିଲେ ।

### ନୀଳଗିରିରେ ଆଦିବାସୀ ମହିଳାଙ୍କୁ ମାଡ଼ ମରାଯିବା ଘଟଣା: ସରକାରଙ୍କୁ ଲେଖାଶ୍ରୀଙ୍କ ଟାର୍ଗେଟ୍

ଭୁବନେଶ୍ୱର,୩୦।୧୨(ପି.ଏନ): ଡିସେମ୍ବର ୨୬ ତାରିଖରେ ନୀଳଗିରିରେ ଦୁଇ ଆଦିବାସୀ ମହିଳାଙ୍କୁ ମାଡ଼ ମାରିବା ଘଟଣାକୁ ତୀବ୍ର ନିନ୍ଦା କରିଛନ୍ତି ଲେଖାଶ୍ରୀ। ରାଜ୍ୟରେ ଆଇନ ଶୃଙ୍ଖଳା ଉପରେ ପ୍ରଶ୍ନ ଉଠାଇଲେ ବିଜେଡିର ମୁଖପାତ୍ର ଲେଖାଶ୍ରୀ ସାମନ୍ତସିଂହାର।ଏ ଭିଡିଓ ସଭ୍ୟ ସମାଜରେ ଗ୍ରହଣୀୟ ନୁହେଁ। ୩ ଜଣ ଯୁବକ ଏହି ମହିଳା ମାନଙ୍କୁ ଅତ୍ୟାଚାର କରିଛନ୍ତି। ଗଛରେ ବାନ୍ଧି, ଜୋତାରେ ପିଟିଛନ୍ତି। ଏ ଘଟଣା ବିଷୟରେ ଜାଣିବା ପାଇଁ ବିଜେଡିର ତଥ୍ୟ ଅନୁସନ୍ଧାନକାରୀ ଟିମ ସେଠି ପହଁଚିଥିଲେ। ବିଜେପିକୁ ଟାର୍ଗେଟ୍: ଜାଣିବାକୁ ପାଇଥିଲେ କି ଯେଉଁମାନେ ପୀଡିତ ସେମାନେ ଆଦିବାସୀ ଏବଂ ଯେଉଁମାନେ ମାଡ଼ ମାରିଛନ୍ତି ସେମାନେ ଅଣଆଦିବାସୀ। ବିଜେପି ସରକାର ସମୟରେ ଏଭଳି ଘଟଣା ସରକାରଙ୍କ ମୁଖା ଖୋଲୁଛି।

## ନୂଆ ବର୍ଷରେ ନୂଆ ସରକାର ଆଣିବ ନୂଆ ଯୋଜନା, ଏଥିରେ ସାଢେ ୩ କୋଟି ହେବେ ଲାଭବାନ



ଭୁବନେଶ୍ୱର,୩୦।୧୨(ପି.ଏନ): ଓଡିଶାବାସୀଙ୍କ ପାଇଁ ଖୁସି ଖବର ଆଣିଦେଲେ ସ୍ୱାସ୍ଥ୍ୟମନ୍ତ୍ରୀ । ଖୁବ ଶୀଘ୍ର ଆରମ୍ଭ ହେବାକୁ ଯାଉଛି ଦେଶର ସବୁଠାରୁ ବଡ ସ୍ୱାସ୍ଥ୍ୟ ଯୋଜନା, ଆୟୁଷ୍ମାନ ଯୋଜନା । ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ସହ ଲାଗୁ ହେବ ଆୟୁଷ୍ମାନ ଯୋଜନା । ଏନେଇ ସୂଚନା ଦେଲେ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ।ସ୍ୱାସ୍ଥ୍ୟମନ୍ତ୍ରୀ କହିଲେ, ଆସନ୍ତା ଫେବୃଆରୀରୁ ରାଜ୍ୟରେ ବହୁପ୍ରତୀକ୍ଷିତ ଆୟୁଷ୍ମାନ ଯୋଜନା ଲାଗୁହେବ ।ରାଜ୍ୟରେ ସାଢେ ୪ କୋଟି ପରି ଲୋକ ରହିଛନ୍ତି । ସେମାନଙ୍କ ଭିତରୁ ସାଢେ ତିନି କୋଟିଙ୍କୁ ମିଳିବ ଆୟୁଷ୍ମାନ ଯୋଜନାର କାର୍ଡ ।କିପରି ସାହାଯକ ହେବ ଆୟୁଷ୍ମାନ ଯୋଜନା: ଏହି ଯୋଜନା ଲାଗୁ ହେବା ପରେ ଓଡିଶାର କୌଣସି ବି କାର୍ଡଧାରୀ ଦେଶର ଯେଉଁଠି ରହୁଥିଲେ ମଧ୍ୟ କାର୍ଡର ସୁଫଳ ପାଇ ପାରିବେ ।ଦେଶର ଯେକୌଣସି ସ୍ଥାନରେ ଥିବା ହସ୍ପିଟାଲରେ ମାଗଣା ଚିକିତ୍ସା କରାଇ ପାରିବେ । ଏହି ଯୋଜନାରେ ୫ ଲକ୍ଷ ପର୍ଯ୍ୟନ୍ତ ମାଗଣା ଚିକିତ୍ସା ସେବା ରହିଛି ।ଦେଶର ବିଭିନ୍ନ ବିଜେପି ଶାସିତ ରାଜ୍ୟରେ ଏହି ଯୋଜନା ଆଗରୁ ଲାଗୁ ହୋଇଛି । ଏହାକୁ ଲାଗୁ କରିବାକୁ ଆଗରୁ ନବୀନ ସରକାରକୁ ପ୍ରଧାନମନ୍ତ୍ରୀ, କେନ୍ଦ୍ର ମନ୍ତ୍ରୀ ଗଣ ବାରମ୍ବାର ଅନୁରୋଧ କରୁଥିଲେ । କିନ୍ତୁ ବିଜେପି ଏହି ଯୋଜନାରେ ଲୋକଙ୍କ ନିକଟତର ହେବା ଆଶଙ୍କାରେ ଏହାକୁ ଲଗାଇଦେଉନଥିଲେ ପୂର୍ବ ସରକାର ।ଫଳରେ ଦେଶର ବିଭିନ୍ନ ସ୍ଥାନରେ ରହୁଥିବା ଓଡିଆଟିଏ ଅସୁସ୍ଥ ହେଲେ ବହୁ ଅସୁବିଧାର ସମ୍ମୁଖୀନ ହେଉଥିଲେ । ବିଶେଷକରି ଗରିବ, ଖଟିଖିଆ ସର୍ବସ୍ୱାନ୍ତ ହୋଇ ମୃତ୍ୟୁବରଣ କରୁଥିଲେ।

## 'କେରଳ ମିନି ପାକିସ୍ତାନ' ବୟାନ ପାଇଁ ବିବାଦରେ ମନ୍ତ୍ରୀ ରାଣେ





ଭୁବନେଶ୍ୱର,୩୦।୧୨(ପି.ଏନ): ବିବାଦରେ ମହାରାଷ୍ଟ୍ରର କ୍ଷମତାସୀନ ମହାୟୁତି ସରକାରର ମନ୍ତ୍ରୀ ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ନାରାୟଣ ରାଣେଙ୍କ ପୁଅ ନୀତେଶ। ସେ ଦେଇଥିବା ବୟାନ ବିବାଦର କେନ୍ଦ୍ରବିନ୍ଦୁ ପାଲଟିଛି। କଂଗ୍ରେସର ରାହୁଲ ଗାନ୍ଧି ଓ କେରଳର ୱାୟନାଡରୁ ସାଂସଦ ହୋଇଥିବା ପ୍ରିୟଙ୍କା ଗାନ୍ଧି ଭଦ୍ରାଙ୍କୁ ଟାର୍ଗେଟ କରିବା ବେଳେ ନୀତେଶ ରାଣେ କେରଳକୁ ମିନି ପାକିସ୍ତାନ କହିବାକୁ ମଧ ପଛାଇ ନାହାନ୍ତି।ଏହାକୁ ନେଇ ବିରୋଧୀ ତାଙ୍କୁ ସମାଲୋଚନା କରିବାରୁ ସେ ବୟାନରେ ତାଳି ପକାଇବାକୁ ଚେଷ୍ଟା କରିଛନ୍ତି। ଲଭ ଜିହାଦ ଓ ଧାର୍ମିକ ପରିବର୍ତ୍ତନ ଘଟଣା କେରଳରେ ବଢ଼ି ଚାଲିଥିବାରୁ ନୀତେଶ ରାଣେ ଏହାକୁ ପାକିସ୍ତାନ ସହ ତୁଳନା କରିଥିଲେ ବୋଲି ସଫେଇ ଦେଇଛନ୍ତି।

## ପୋଲିସ ଗାଡିକୁ ଧକ୍କା ଦେଲା ଟ୍ରକ୍:ଅଳ୍ପକେ ବର୍ତ୍ତିଲେ ଫାଣ୍ଡି ଅଧିକାରୀ

ଭବାନୀପାଟଣା,୩୦।୧୨:କଳାହାଣ୍ଡି ଜିଲା ଭବାନୀପାଟଣା ସଦର ବ୍ଲକ ଅନ୍ତର୍ଗତ ବୋର୍ଡା। ଫାଣ୍ଡି ସାପସିଲେଟ ନିକଟରେ ପୋଲିସ ଗାଡିକୁ ଏକ ଛତିଶଗଡ ଟ୍ରକ ଧକ୍କା ଦେଇଥିବା ଜଣାପଡିଛି। ଫଳରେ ପୋଲିସ ଗାଡ଼ିରେ ବସିଥିବା ବୋର୍ଡା ଫାଣ୍ଡି ଅଧିକାରୀ ଚନ୍ଦ୍ରହାସ୍ୟ ସାହୁ ସମେତ ୪ ଜଣ କନଷ୍ଟେବଲ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଏହି ଦୁର୍ଘଟଣାରେ ସେମାନେ ଆହତ ହୋଇଥିବାବେଳେ ପ୍ରାଥମିକ ଚିକିତ୍ସା ପରେ ସୁସ୍ଥ ଅଛନ୍ତି। ଧକ୍କା ଦେଇଥିବା ଛତିଶଗଡ଼ ଟ୍ରକ ନଂ(ସିଜି ୨୨ଜେ –୮୧୦୨) ହୋଇଥିବାବେଳେ ପୋଲିସ ଗାଡି ଜିପ ର ନଂ(ଓଆର୦୫ ଏକେ–୬୬୩୭) ବୋଲି ଜଣାପଡିଛି।

## ଫସଲ କ୍ଷତି ପଞ୍ଜିକରଣ ଅବଧିକୁ ୧ ତାରିଖକୁ ବୃଦ୍ଧି, ଉଭୟ ବୀମାଭୁକ୍ତ ଓ ବିନା ବୀମାଭୁକ୍ତ କରିପାରିବେ ଆବେଦନ

ଭୁବନେଶ୍ୱର,୩୦।୧୨(ପିଏନ):ବୀମାଭୁକ୍ତ ଚାଷୀ ମାନଙ୍କ ପାଇଁ ଫସଲ କ୍ଷତି ସମ୍ପର୍କରେ ସୂଚନା ଦେବା ପାଇଁ ସମୟ ଅବଧି କେନ୍ଦ୍ର ସରକାର ଆଉ ତିନି ଦିନ ବଢାଇଲେ । ବୀମାଭୁକ୍ତ ଚାଷୀମାନେ ଜାନୁଆରୀ ୧ ତାରିଖ ପର୍ଯ୍ୟନ୍ତ ବୀମା କମ୍ପାନୀ ମାନଙ୍କୁ ଫସଲ କ୍ଷତି ସମ୍ପର୍କରେ ସୂଚନା ଦେଇ ପାରିବେ ବୋଲି କୁହାଗଲା ।ରାଜ୍ୟରେ ଅଦିନିଆ ବର୍ଷା ଯୋଗୁଁ ଚାଷୀମାନେ ଫସଲ କ୍ଷତିର ସମ୍ମୁଖୀନ ହୋଇଛନ୍ତି । ରାଜ୍ୟ ସରକାର କ୍ଷତିଗ୍ରସ୍ତ ଚାଷୀ ମାନଙ୍କୁ ସହାୟତା ଦେବାପାଇଁ ଯୋଜନା କରିଛନ୍ତି । ଏ ସମ୍ପର୍କରେ ମୁଖ୍ୟମନ୍ତ୍ରୀ ବୈଠକ କରିବା ସହିତ ନୟାଗଡ, ଗଜପତି ଓ ଗଞ୍ଜାମ ଜିଲ୍ଲା ପରିଦର୍ଶନ କରି କ୍ଷୟକ୍ଷତି ଆକଳନ କରିଛନ୍ତି । ଅନ୍ୟ ମନ୍ତ୍ରୀମାନେ ମଧ କ୍ଷତିଗ୍ରସ୍ତ ଅଞ୍ଚଳକୁ ଗସ୍ତ କରିଛନ୍ତି ।ଉଭୟ ବୀମା କରିନଥିବା ଓ ବୀମା କରିଥିବା ଚାଷୀମାନଙ୍କୁ ସହାୟତା ଦିଆଯିବ । ବୀମା କରିଥିବା ଚାଷୀମାନଙ୍କୁ ଫସଲ କ୍ଷତି ସମ୍ପର୍କରେ ସୂଚନା ଦେବା ପାଇଁ ଡିସେମ୍ବର ୨୯ ଥିଲା ଶେଷ ତାରିଖ ରହିଥିଲା ।ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ରାଜ୍ୟ ସରକାରଙ୍କ ପକ୍ଷରୁ କେନ୍ଦ୍ର କୃଷି ଓ କୃଷକ ସଶକ୍ତିକରଣ ମନ୍ତ୍ରାଳୟକୁ ଏହି ଅବଧି ବଢାଇବାକୁ ଅନୁରୋଧ କରାଯାଇଥିଲା । ଚାଷୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ଏହି ଅବଧିକୁ ଆଉ ତିନି ଦିନ ପାଇଁ ବୃଦ୍ଧି କରିଛନ୍ତି ।ତେଣୁ, ଚାଷୀମାନେ ବର୍ତ୍ତମାନ ୨୦୨୫ ଜାନୁଆରୀ ୧ ତାରିଖ ପର୍ଯ୍ୟନ୍ତ ବୀମା କମ୍ପାନୀ ମାନଙ୍କୁ ଫସଲ କ୍ଷତି ସମ୍ପର୍କରେ ସୂଚନା ଦେଇ ପାରିବେ ।ଓଡିଶାର ଚାଷୀ ମାନଙ୍କ ପାଇଁ କେନ୍ଦ୍ର ସରକାରଙ୍କର ଏହି ସହାନୁଭୂତିଶୀଳ ମନୋଭାବ ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ କେନ୍ଦ୍ର କୃଷି ଓ କୃଷକ ସଶକ୍ତିକରଣ ମନ୍ତ୍ରୀ ଶିବରାଜ ସିଂହ ଚୌହାନଙ୍କୁ ଧନ୍ୟବାଦ ଦେଇଛନ୍ତି ।



## ପଞ୍ଚାୟତ ସମିତି ବୈଠକରେ ହୋହଲ୍ଲା ଓ ନାରାବାଜି

ବ୍ରହ୍ମଗିରି,୩୦।୧୨(ପି.ଏନ): ପଞ୍ଚାୟତ ସମିତି ବୈଠକରେ ହୋହଲ୍ଲା ଓ ନାରାବାଜି । ଚାଲି ପାରିଲାନି ଗୃହ । ଦୀର୍ଘ ଦୁଇ ବର୍ଷ ପରେ ଆଜି ପୁରୀ ଜିଲ୍ଲାର ବ୍ରହ୍ମଗିରି ପଞ୍ଚାୟତ ସମିତି ବୈଠକ ଡକା ଯାଇଥିଲା । ବୈଠକରେ ବ୍ରହ୍ମଗିରି ପଞ୍ଚାୟତ ସମିତିର ୨୫ଟି ପଞ୍ଚାୟତର ସମସ୍ତ ସରପଞ୍ଚ, ସମିତି ସଭ୍ୟଙ୍କ ସହ ବ୍ରହ୍ମଗିରି ବିଧାୟିକା ଓ ପଞ୍ଚାୟତ ସମିତି ଅଧକ୍ଷାଙ୍କ ସମେତ ବ୍ରହ୍ମଗିରି ବିଡିଓ ଉପସ୍ଥିତ ଥିଲେ । ଦିନ ୧୧ରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା । ସଭାକାର୍ଯ୍ୟ ଆରମ୍ଭରୁ ବିଜେପି ଓ ବିଜେଡି ସମର୍ଥିତ ସରପଞ୍ଚ ଓ ସମିତି ସଭ୍ୟ ମାନେ ନିଜ ନିଜ ଭିତରେ ପାଟିତୁଣ୍ଡ ହୋହାଲ୍ଲା କରିବା ସହ ଟେବୁଲ୍ ବାଡେଇ ଠେଲାପେଲା ହୋଇଥିଲେ । ପ୍ରଥମେ ବିଧାୟିକା ଓ ବିଜେଡି ସରପଞ୍ଚ ପରେ ସମିତି ଅଧକ୍ଷା ଓ ବିଧାୟିକାଙ୍କ ମଧ୍ୟରେ ଆକ୍ଷେପ ଓ ପ୍ରତି ଆକ୍ଷେପ ହେବା ଦେଖିବାକୁ ମିଳିଥିଲା । ଦିନ ତମାମ କୌଣସି ଆଲୋଚନା ହୋଇ ପରିନଥିଲା । ଗତ ୨୦ ତାରିଖରେ ବିଧାୟିକା ବ୍ରହ୍ମଗିରି ବ୍ଲକ ସମୀକ୍ଷା କରିବାକୁ ଥିବା ବେଳେ ବିଭିନ୍ନ ପ୍ରସଙ୍ଗକୁ ନେଇ ବିଜେଡି ନିର୍ବାଚିତ ପ୍ରତିନିଧିମାନେ ଧାରଣା ଦେଇଥିଲେ ।



## କେଜ୍ରିୱାଲଙ୍କ ବଡ଼ ଘୋଷଣା; ଆପ୍ ଜିତିଲେ ମନ୍ଦିର ପୂଜକଙ୍କୁ ଦେବ ମାସିକ ୧୮ ହଜାର ଦରମା

ଭୁବନେଶ୍ୱର,୩୦।୧୨(ପି.ଏନ): ଦିଲ୍ଲୀ ବିଧାନସଭା ନିର୍ବାଚନ ପୂର୍ବରୁ ଆପ୍ ସରକାର ଆରମ୍ଭ କରିଥିବା ମହିଳା ସମ୍ମାନ ଯୋଜନାକୁ ନେଇ ବିବାଦ ଥମି ନଥିବାବେଳେ ଆଉ ଏକ ବଡ଼ ଘୋଷଣା କରିଛନ୍ତି ଅରବିନ୍ଦ କେଜ୍ରିୱାଲ। ଆମ୍ ଆଦମୀ ପାର୍ଟି ସରକାରକୁ ଫେରିଲେ ଦିଲ୍ଲୀର ସମସ୍ତ ମନ୍ଦିର ପୂଜକ ଓ ଗୁରୁଦ୍ୱାର ଗ୍ରନ୍ଥିମାନଙ୍କୁ ମାସିକ ୧୮ ହଜାର ଟଙ୍କା ଲେଖାଏଁ ଦରମା ଦେବାକୁ ଘୋଷଣା କରିଛନ୍ତି ପୂର୍ବତନ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ। ଏକ ସାମ୍ବାଦିକ ସମ୍ମିଳନୀକୁ ସମ୍ବୋଧନ କରି କେଜ୍ରିୱାଲ କହିଛନ୍ତି ଯେ, ପୂଜକ ଏବଂ ଗ୍ରନ୍ଥିମାନେ ଆମର ଧାର୍ମିକ ରୀତିନୀତିର ସଂରକ୍ଷକ ଅଟନ୍ତି। ଏମାନେ ସମାଜକୁ ନିଃସ୍ୱାର୍ଥପର ଭାବରେ ସେବା ପ୍ରଦାନ କରନ୍ତି। ହେଲେ ଦୁର୍ଭାଗ୍ୟଜନକ କଥା ହେଉଛି ସେମାନଙ୍କର ଆର୍ଥିକ ଅବସ୍ଥା ନେଇ କେହି କେବେ ଚିନ୍ତା କରୁନାହାନ୍ତି। ତେଣୁ ଆପ୍ ଶାସନକୁ ଫେରିଲେ ଏମାନଙ୍କୁ ମାସିକ ୧୮ ହଜାର ଟଙ୍କା ଲେଖାଏଁ ଦରମା ଦିଆଯିବ ବୋଲି ଘୋଷଣା କରିଛନ୍ତି କେଜ୍ରିୱାଲ।



## ଫେବୃଆରୀରୁ ଓଡିଶାରେ ଆୟୁଷ୍ମାନ ଭାରତ

ଭୁବନେଶ୍ୱର,୩୦।୧୨(ପି.ଏନ): ଫେବୃଆରୀରୁ ଓଡିଶାରେ ଆୟୁଷ୍ମାନ ଭାରତ। ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ମଧ ହେବ ସଂପୂର୍ଣ୍ଣ କାର୍ଯ୍ୟକ୍ଷମ। ଡବଲ ଇଞ୍ଜିନ ସରକାରର ଲାଭ ପାଇବେ ରାଜ୍ୟବାସୀ। ଏନେଇ ବିଭାଗୀୟ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ। କେନ୍ଦ୍ରୀୟ ଟିମ୍ ? ମଧ ଏନେଇ ଓଡିଶା ଆସି ଅନୁଧ୍ୟାନ କରି ସାରିଛି। ତେଣୁ ଫେବୃଆରୀରୁ ଏହି ଫ୍ଲାଗସିପ୍ ଯୋଜନା ଲାଗୁ କରିବାକୁ ମୋହନ ଚରଣ ମାଝୀ ସରକାର ପ୍ରସ୍ତୁତ ହେଉଥିବା ସୂଚନା ଦେଇଛନ୍ତି ସ୍ୱାସ୍ଥ୍ୟ ମନ୍ତ୍ରୀ।ସ୍ୱାସ୍ଥ୍ୟ ମନ୍ତ୍ରୀ ମୁକେଶ ମହାଲିଙ୍ଗ କହିଛନ୍ତି, ନୂଆବର୍ଷରୁ ଏହି ଯୋଜନା ସ୍ୱାସ୍ଥ୍ୟ କ୍ଷେତ୍ରରେ ବଡ ବିପ୍ଳବ ଆଣିବ। ଆୟୁଷ୍ମାନ ଭାରତ ସହ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାକୁ ମିଶାଯିବ। ସେଥିପାଇଁ ନିୟମାବଳି ଏକ ପ୍ରକାର ଚୂଡାନ୍ତ ପର୍ଯ୍ୟାୟରେ। ରାଜ୍ୟରେ ଏକ କୋଟି ପରିବାରର ସାଢେ ୩ କୋଟି ଲୋକଙ୍କୁ ଏହି ଯୋଜନାରେ ସାମିଲ କରାଯିବ। ପ୍ରତ୍ୟେକ ହିତାଧିକାରୀଙ୍କୁ ମିଳିବ ଗୋଟିଏ କାର୍ଡ। ଆୟୁଷ୍ମାନ ଭାରତରୁ ଯେମିତି କେହି ବଞ୍ଚିତ ହେବେ ନାହିଁ ତା' ଉପରେ ବିଶେଷ ଗୁରୁତ୍ୱ ଦିଆଯାଉଥିବା କହିଛନ୍ତି ମନ୍ତ୍ରୀ।




## ବୀମାଭୁକ୍ତ ଚାଷୀଙ୍କ ଫସଲ କ୍ଷତି ସୂଚନା ଦେବାକୁ ଅବଧି ବଢ଼ାଇଲେ କେନ୍ଦ୍ର ସରକାର, ଧନ୍ୟବାଦ ଜଣାଇଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୩୦।୧୨(ପି.ଏନ): ରାଜ୍ୟରେ ଅଦିନିଆ ବର୍ଷା ଯୋଗୁ ଚାଷୀମାନେ ଫସଲ କ୍ଷତିର ସମ୍ମୁଖୀନ ହୋଇଥିବାରୁ ରାଜ୍ୟ ସରକାର କ୍ଷତିଗ୍ରସ୍ତ ଚାଷୀମାନଙ୍କୁ ସହାୟତା ଦେବା ପାଇଁ ଯୋଜନା କରିଛନ୍ତି । ଏ ସମ୍ପର୍କରେ ମୁଖ୍ୟମନ୍ତ୍ରୀ ବୈଠକ କରିବା ସହିତ ନୟାଗଡ଼, ଗଜପତି ଓ ଗଞ୍ଜାମ ଜିଲା ପରିଦର୍ଶନ କରି କ୍ଷୟକ୍ଷତି ଆକଳନ କରିଛନ୍ତି। ଅନ୍ୟ ମନ୍ତ୍ରୀମାନେ ମଧ କ୍ଷତିଗ୍ରସ୍ତ ଅଞ୍ଚଳକୁ ଗସ୍ତ କରିଛନ୍ତି ।ଉଭୟ ବୀମା କରି ନ ଥିବା ଓ ବୀମା କରିଥିବା ଚାଷୀମାନଙ୍କୁ ସହାୟତା ଦିଆଯିବ। ବୀମା କରିଥିବା ଚାଷୀମାନଙ୍କୁ ଫସଲ କ୍ଷତି ସମ୍ପର୍କରେ ସୂଚନା ଦେବା ପାଇଁ ଡିସେମ୍ବର ୨୯ ଥିଲା ଶେଷ ତାରିଖ । ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ରାଜ୍ୟ ସରକାରଙ୍କ ପକ୍ଷରୁ କେନ୍ଦ୍ର କୃଷି ଓ କୃଷକ ସଶକ୍ତିକରଣ ମନ୍ତ୍ରଣାଳୟକୁ ଏହି ଅବଧି ବଢାଇବାକୁ ଅନୁରୋଧ କରାଯାଇଥିଲା। ଚାଷୀମାନଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ଏହି ଅବଧିକୁ ଆଉ ୩ ଦିନ ପାଇଁ ବୃଦ୍ଧି କରିଛନ୍ତି। ତେଣୁ ଚାଷୀମାନେ ବର୍ତ୍ତମାନ ୨୦୨୫ ଜାନୁଆରୀ ୧ ତାରିଖ ପର୍ଯ୍ୟନ୍ତ ବୀମା କମ୍ପାନୀମାନଙ୍କୁ ଫସଲ କ୍ଷତି ସମ୍ପର୍କରେ ସୂଚନା ଦେଇପାରିବେ ।ଓଡ଼ିଶାର ଚାଷୀମାନଙ୍କ ପାଇଁ କେନ୍ଦ୍ର ସରକାରଙ୍କ ଏହି ସହାନୁଭୂତିଶୀଳ ମନୋଭାବ ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ କେନ୍ଦ୍ର କୃଷି ଓ କୃଷକ ସଶକ୍ତିକରଣ ମନ୍ତ୍ରୀ ଶିବରାଜ ସିଂହ ଚୌହାନଙ୍କୁ ଧନ୍ୟବାଦ ଜଣାଇଛନ୍ତି।



## ପି.କେ ମିଶ୍ରଙ୍କ ଝିଅ–ଜ୍ୱାଇଁ କହି ଠକୁଥିଲେ ଦମ୍ପତି, ବାନ୍ଧିଲା କମିସନ୍‌ରେଟ୍ ପୋଲିସ

ନୂଆଦିଲ୍ଲୀ,୩୦।୧୨(ପି.ଏନ): ରାଜଧାନୀ ଭୁବନେଶ୍ୱରରେ ବିଭିନ୍ନ ପ୍ରକାର ଠକାମୀ ଦିନକୁ ଦିନ ବଢ଼ିବାରେ ଲାଗିଛି। ଏସବୁ ମଧ୍ୟରେ ଏକ ଦମ୍ପତି ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ପିକେ ମିଶ୍ରଙ୍କ ଝିଅ–ଜ୍ୱାଇଁ କହି ଠକୁଥିବା ଘଟଣା ସାମ୍ନାକୁ ଆସିଛି। ଏନେଇ ଏକାଧିକ ଅଭିଯୋଗ ହେବା ପରେ ଦୁଇ ଅଭିଯୁକ୍ତ ହଂସିକା ଓ ଅନୀଲଙ୍କୁ ଗିରଫ କରି କୋର୍ଟ ସୋମବାର ଚାଲାଣ କରିଛି କମିସନ୍‌ରେଟ୍ ପୋଲିସ ।ଏହି ଦମ୍ପତି ବିଶିଷ୍ଟ ବିଲଡର୍, ଖଣି ଅପରେଟର, ବହୁରାଷ୍ଟ୍ରୀୟ କର୍ପୋରେସନ୍ ମାଲିକ ଏବଂ ବ୍ୟବସାୟୀଙ୍କୁ ଟାର୍ଗେଟ କରି ଏକ ଠକେଇ କରନ୍ତି। ଅଭିଯୁକ୍ତ ହଂସିକା ଅଭିଲିପ୍ସା ନିଜକୁ ପିକେ ମିଶ୍ରଙ୍କ ସହଯୋଗୀ ଭାବରେ ପରିଚିତ କରି ପୀଡିତାଙ୍କୁ ଠକିଥିବା ଅଭିଯୋଗ ହୋଇଥିଲା ।ଖବର ଅନୁଯାୟୀ, ହଂସିକା ଏବଂ ତାଙ୍କ ସହଯୋଗୀ ଅନିଲ ମହାନ୍ତି ଇନଫୋସିଟି–ନନ୍ଦନକାନନ ରୋଡରେ ଏକ କାର୍ଯ୍ୟାଳୟ ଚଳାଉଥିଲେ। ଓଡିଶାର ଉଚ୍ଚ ପଦାଧିକାରୀଙ୍କ ସହ ତାଙ୍କର ଲିଙ୍କ୍ ଥିବା ଦାବି କରି ସେ ପୀଡିତଙ୍କ ପାଇଁ ଟେଣ୍ଡର ସୁରକ୍ଷିତ ରଖିବାକୁ ପ୍ରତିଶ୍ରୁତି ଦେଇଥିଲେ। ତେବେ ନିକଟରେ ଖଣିମାଲିକ ପୋଲିସ ପାଖରେ ଅଭିଯୋଗ କରିବା ପରେ ହଂସିକା ଏବଂ ଅନିଲଙ୍କୁ ଗିରଫ କରାଯିବା ପରେ ସମଗ୍ର ମାମଲା ସାମ୍ନାକୁ ଆସିଛି ।ପ୍ରଭାବଶାଳୀ ବ୍ୟକ୍ତିବିଶେଷଙ୍କ ସହ ଦେଖାଯିବା ପାଇଁ ହଂସିକା ଫଟୋଗ୍ରାଫ୍ କରିଥିଲେ। ଏହି ଫଟୋଗୁଡିକ ବ୍ୟବହାର କରି ସେ ଧନୀ ବ୍ୟବସାୟୀମାନଙ୍କୁ ବିଶେଷ କରି ଖଣି ଏବଂ ନିର୍ମାଣ କ୍ଷେତ୍ରରୁ ନିଜ ଜାଲରେ ଫସିଥିଲେ। ଅନ୍ୟମାନେ ଏହି ଅପରାଧରେ ସମ୍ପୃକ୍ତ କି ନାହିଁ ତାହା ପୋଲିସ ତଦନ୍ତ କରୁଛି।








# ଟି ଟାଇମ୍

# ପୁରାଣ କାହାଣୀ

# ଅଗିରା ପୂର୍ଣ୍ଣିମା



ଶୀତ ଋତର ଶେଷ ମାଘ ମାସର ପୂର୍ଣ୍ଣମୀକୁ ଅଗିରା ପୂର୍ଣ୍ଣମୀ କହିଥାନ୍ତି। ସାଧାରଣତଃ ଅଗ୍ନି ଦେବତାଙ୍କ ପୂଜା ଶ୍ରୀପଞ୍ଚମୀ ଦିନ ଠାରୁ ଆରମ୍ଭ ହୋଇଥାଏ। କାରଣ ସରସ୍ୱତୀଙ୍କୁ ବେଦରେ ଅଗ୍ନି ବୋଲି କୁହାଯାଇଛି।

ଗାଁ ଠାରୁ ସହର ପର୍ଯ୍ୟନ୍ତ ସବୁଠି ଅଗିଜଳା ଏକ ପରିଚିତ ଦୃଶ୍ୟ। ପ୍ରକୃତରେ ଅଗ୍ନୀ ଦେବତାଙ୍କ ପୂଜା ବୈଦିକ ଯୁଗରୁ ରହିଆସିଛି। ବୈଦିକ ଭାଷାରେ – 'ଅଗ୍ନୀ ମିଳେ ପୁରୋହିତଂ' ତେଣୁ ବେଦରେ ଅଗ୍ନୀ ହେଉଛନ୍ତି ପ୍ରଥମ ଦେବତା। ଓଡ଼ିଆ ଜନଜୀବନରେ ଚିର ପରିଚିତ ଅଗିରା ପୂନେଇଁ ଏକ ପରିଚିତ ଦିନଟି। କେବଳ ଗାଁରେ ନୁହେଁ ସହରରେ ମଧ ଛକ ସ୍ଥାନ ମାନଙ୍କରେ ଧାନ ନଡ଼ା ଏକତ୍ର କରାଯାଇ ଏହାକୁ ପୂଜାର୍ଚ୍ଚନା କରି ଅଗ୍ନୀ ସଂଯୋଗ କରାଯାଇଥାଏ। ଏଥିରେ ବାଇଗଣ ଓ ଅନ୍ୟାନ୍ୟ ପରିବା ପୋଡ଼ି ଖାଇଲେ କିଛି ଚର୍ମରୋଗ ହୋଇନଥାଏ ବୋଲି ଲୋକବିଶ୍ୱାସ ରହିଛି। ଏହିଦିନରୁ ବାଘପରି ମାଘ ମାସର ଶୀତ ବିଦାୟ ନେଇ ବସନ୍ତ ଋତୁର ମୃଦୁ ସମୀରଣ ଭିତରେ ଗ୍ରୀଷ୍ମଋତୁକୁ ସ୍ୱାଗତ କରାଯାଇଥାଏ ।

# ଆଜିର ଭାଗ୍ୟ

**ମେଷ** – ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।

**ବୃଷ** – ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।

**ମିଥୁନ** – ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ୍ୟ ଲାଭରୁ ଖୁସି ହେବେ।

**କର୍କଟ** – ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।

**ସିଂହ** – ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ସାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

**କନ୍ୟା** – ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।

**ତୁଳା** – ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।

**ବିଛା** – ଚୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କାର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।

**ଧନୁ** – ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।

**ମକର** – କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।

**କୁମ୍ଭ** – ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।

**ମୀନ** – ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।

# ୨୩ ବର୍ଷ ଧରି ବନ୍ଦ ଡାକ ବାକ୍ସ



ବ୍ରିଟେନ୍‌ର ସବୁଠାରୁ ବ୍ୟସ୍ତମୟ ଅଞ୍ଚଳରେ ଥିବା ଲୋକିନ୍ ଡାକ ବାକ୍ସଟି ଗତ ୨୩ ବର୍ଷ ହେଲା ବନ୍ଦ ରହିଛି। ବ୍ରିଟେନ୍‌ର ବର୍ମିଂଘମର ସବୁଠାରୁ ବ୍ୟସ୍ତତମ ରେଳ ଷ୍ଟେସନ୍‌ରେ ନବନିର୍ମାଣ କାମରେ ଲାଗିଥିବା ଶ୍ରମିକ ସେହି ସମୟରେ ଆଶ୍ଚର୍ଯ୍ୟ ହୋଇ ଯାଇଥିଲେ, ଯେତେବେଳେ ଏହି ଡାକ ବାକ୍ସଟିକୁ ସେଠାରୁ ହଟା ଯାଇଥିଲା ଏବଂ ସେଥିରୁ ପ୍ରାୟ ଦେଢ଼ ଦଶକର ଚିଠି ମିଳିଥିଲା। ବ୍ରିଟିଶ୍ ଦୈନିକ ଟେଲିଗ୍ରାଫର ରିପୋର୍ଟ ମୁତାବକ ଏହି ଡାକ ବାକ୍ସକୁ ହଟାଇ ଥିବା ଶ୍ରମିକଙ୍କ କହିବା ମୁତାବକ ଏହି ବାକ୍ସଟିକୁ ଗତ ୨୩ ବର୍ଷ ହେଲା ଖାଲି କରାଯାଇନାହିଁ। ଏହି ଡାକ ବାକ୍ସଟି ବର୍ମିଂଘମ୍ ରେଳ ଷ୍ଟେସନର ଏଭଳି ସ୍ଥାନରେ ରହିଛି, ଯେଉଁଠାରୁ ପ୍ରତିଦିନ ହଜାର ହଜାର ଲୋକେ ଯାତାୟାତ କରନ୍ତି। ଏହି ଡାକ ବାକ୍ସଟିକୁ ଚଳିତ ବର୍ଷର ପ୍ରାରମ୍ଭରେ ସିଲ୍ କରିଦିଆଯାଇଥିଲା। ବ୍ରିଟେନ୍‌ର ରୟାଲ୍ ମେଲ ସେବା ଏହି ଡାକ ବାକ୍ସରେ ୧୯୮୯ରେ ପଡିଥିବା ଚିଠିକୁ ତା'ର ଗନ୍ତବ୍ୟ ସ୍ଥାନରେ ପହଞ୍ଚାଇବା ପାଇଁ ଚେଷ୍ଟା କରୁଥିଲା। ଏହି ଡାକ ବାକ୍ସ ଭିତରୁ ଅନେକ ପୋଷ୍ଟକାର୍ଡ ଏବଂ ଆମେରିକା, ଅଷ୍ଟ୍ରେଲିଆ ଭଳି ଦୂର ଦୂରାନ୍ତ ସ୍ଥାନକୁ ପଠାଯାଇଥିବା ଚିଠି ପତ୍ରଗୁଡିକ ମଧ ମିଳିଥିବା ଜଣାପଡିଛି।

# ଇ-ରିଡ଼ିଂ କରିପାରିବେ ଦୃଷ୍ଟିହୀନ



ଦୃଷ୍ଟିହୀନ ଯୁବପିଢ଼ିଙ୍କ ପାଇଁ ଖୁସି ଖବର । ଏବେ ସେମାନେ ବି ଇ-ରିଡ଼ିଂ କରିପାରିବେ । ସାଧାରଣ ଯୁବପିଢ଼ିଙ୍କ ପରି ଇଣ୍ଟରନେଟ୍‌ରେ ନିଜ ପସନ୍ଦର ବହି, ମାଗାଜିନ୍ ପଢ଼ିବା ସହ ମେସେଜ୍ ଦିଆନିଆ କରିପାରବେ । ତାହା ପୁଣି ଖୁବ୍ କମ୍ ଖର୍ଚ୍ଚରେ । ନିକଟରେ ଏଭଳି ଏକ ନୂଆ ଟେକ୍ନୋଲୋଜି ଉଦ୍ଭାବନ କରି ଚର୍ଚ୍ଚାରେ ପରିସରକୁ ଆସିଛି ଦକ୍ଷିଣ କୋରିଆର ଏକ ନୂଆ କମ୍ପାନୀ । ଦୃଷ୍ଟିହୀନମାନଙ୍କୁ ଇ-ରିଡ଼ିଂ ସୁବିଧା ଯୋଗାଇ ଦେବା ଲାଗି ଉକ୍ତ କମ୍ପାନୀ ତିଆରି କରିଛି ଏକ ବ୍ରେଲ୍ ସ୍ମାର୍ଟ ଘଣ୍ଟା । କେବେଳ ଏତିକି ନୁହେଁ, ଡ଼ଟ୍ ନାମକ ଏହି ସ୍ମାର୍ଟ ୱାଚ୍ ସାହାର୍ଯ୍ୟରେ ବ୍ରେଲ୍ ଭାଷା ମଧ ହୋଇପାରିବ ବୋଲି କମ୍ପାନୀ କର୍ତ୍ତୃପକ୍ଷ ଆଶା ରଖିଛନ୍ତି । ସେମାନଙ୍କ ମତରେ ଦୃଷ୍ଟିହୀନଙ୍କୁ ଏହି ସୁବିଧା ଯୋଗାଇ ଦେବା ଲାଗି ପୂର୍ବରୁ ଏଭଳି ଉପକରଣ ତିଆରି ହୋଇଥିଲେ ମଧ ତାହାର ଆକାଛୁଆଁ ମୂଲ୍ୟ ଯୋଗୁ ବ୍ୟବହାର କରିବା ସମସ୍ତଙ୍କ ପକ୍ଷେ ସମ୍ଭବ ହୋଇପାରୁ ନଥିଲା । କିନ୍ତୁ ଏହି ସ୍ମାର୍ଟ ୱାଚ ସମସ୍ତ ଦୃଷ୍ଟହୀନଙ୍କୁ ସୁହାଇବା ବୋଲି ସେମାନେ ସୂଚିତ କରିଛନ୍ତି । ଏହି ସ୍ମାଟ୍ ୱାଚ୍‌କୁ ଯେ କୌଣସି ବ୍ଲ୍ୟୁ ଟୁଥ୍ ସହିତ ସଂଯୋଗ କରାଯାଇ ଜରୁରୀ ସୂଚନା ପଢ଼ାଯାଇପାରେ । ଏହି ସ୍ମାର୍ଟ ୱାଚ୍‌ରେ ପ୍ରଥମେ ମେସେଜ୍ ମୋବାଇଲ୍ ଫୋନ୍‌କୁ ଆସେ । ପରେ ଏହା ସିଂହିତ ଜଡ଼ଇତ ଆପ୍ଲିକେଶନ୍ ଉକ୍ତ ମେସେଜକୁ ବ୍ରେଲ୍ ଭାଷାରେ ଅନୁବାଦ କରିଥାଏ । ମେସେଜ ପ୍ରାପ୍ତ ହେବା ପରେ ଡଟ୍‌ର ଭାଇବ୍ରେଟର ୟୁଜରକୁ ସତର୍କ କରିଦେଇଥାଏ । ଶିଖାଯାଇପାରେ । ଦୃଷ୍ଟହୀନଙ୍କ ପାଇଁ ହେପ୍ଟିକ୍ ଟେକ୍‌ନିକ୍‌ରେ ତିଆରି ଏହି ସ୍ମାର୍ଟ ୱାଚ୍ ସ୍ୱଳ୍ପ ମୂଲ୍ୟରେ ମିଳୁଥିବାରୁ ଏହା ଅଧିକ ଆଦୃତ

# ୧୩ ବର୍ଷର ବାଳକ ପର୍ଣ୍ଣ ଭିଡିଓ ଦେଖି ୭ଜଣ ପିଲାଙ୍କୁ କଲା ଯୌନ ଶୋଷଣ



ଜଣେ ୧୩ ବର୍ଷୀୟ ନାବାଳକ ପର୍ଣ୍ଣ ସାଇଟ୍ ଦେଖି କରିଛି ଅଦ୍ଭୁତ କାଣ୍ଡ। ଅଶ୍ଳୀଳ ଭିଡିଓ ଦେଖି ୭ଜଣ ପିଲାଙ୍କୁ କରିଛି ଯୌନ ଶୋଷଣ। ଏମିତି ଏକ ଖବର ଏବେ ଖୁବ୍ ଭାଇରାଲ ସାଜିଛି। ଇଣ୍ଟରନେଟ୍‌ରେ ଅଶ୍ଳୀଳ ଭିଡିଓ ଦେଖିବା ସଉକ ହୋଇଯାଇଥିଲା ଏହି ପିଲାଟିର। ପର୍ଣ୍ଣ ଭିଡିଓ ଦେଖିବା ପରେ ମନରେ ତାର ବିକାର ଜାତ ହୋଇଥିଲା ଏବଂ ୭ଜଣ ଛୋଟ ପିଲାଙ୍କ ସହ କରିଥିଲା ଦୁଷ୍କର୍ମ। ଏହି ନାବାଳିକ ପିଲାକୁ ଗିରଫ କରିଛି ପୋଲିସ। ଅଧିକ ଅଶ୍ଳୀଳ ଭିଡିଓ ଦେଖିବା ଯୋଗୁଁ ଏମିତି କାଣ୍ଡ ପିଲାଟି କରିଛି ବୋଲି ପୋଲିସ କହିଛି। ଏଡି ମାମଲାରେ ପିଲାଟିର ମା' କହିଛନ୍ତି ସେ ପିଲାଟିକୁ ଅଧିକ ସମୟ ଦେଇପାରନ୍ତି ନାହିଁ। ଯାହା ଦ୍ୱାରା ସେ ଏମିତି ଖରାପ କାମ କରିଛି।

ଇଣ୍ଟରନେଟରେ ପର୍ଣ୍ଣ ଭିଡିଓ ଦେଖିବା ଦ୍ୱାରା କେମିତି ପିଲାଙ୍କ ଉପରେ ଖରାପ ପ୍ରଭାବ ପଡେ, ତାର ଏକ ଉଦାହରଣ ଦେଖିବାକୁ ମିଳିଛି।



## ମୋ ପରି ଶରୀର ସମସ୍ତଙ୍କୁ ମିଳେନି

ବିଗବସ୍ ସିଜିନ୍ ୬ର ପ୍ରତିଯୋଗୀ ସାନ୍ ଖାନ୍ ତାଙ୍କର ବୟାନବାଜିକୁ ନେଇ ସବୁବେଳେ ଚର୍ଚ୍ଚାରେ ଥାଆନ୍ତି। କିଛି ଦିନ ପୂର୍ବରୁ ତାଙ୍କ ସିନେମା 'ୱାଜା ତୁମ ହୋ' ହୋଇଛି ରିଲିଜ୍। ଏହି ସିନେମାରେ ସାନା ଟେଲିଭିଜନର ଲୋକପ୍ରିୟ ଅଭିନେତା ଗୁରମିତ ଚୌଧୁରୀଙ୍କ ବିପକ୍ଷରେ ନାୟିକା ଭୂମିକାରେ ଅଭିନୟ କରିଛନ୍ତି। ଏହି ସିନେମା କେବେ ଆସିଲା କେବେ ଗଲା କିଛି ଜଣାପଡିଲାନି। ସିନେମା ଫ୍ଲପ ହୋଇଗଲେ ମଧ ସାନା ତାଙ୍କ ବୋଲ୍ଡ ବୟାନ ପାଇଁ ପୁଣିଥରେ ଚର୍ଚ୍ଚାର ପରିଧୀକୁ ଆସିଛନ୍ତି। ନିଜର ଶରୀରକୁ ନେଇ ସେ କହିଛନ୍ତି ମୋ ପରି ଶରୀର ସମସ୍ତଙ୍କୁ ମିଳେନି। ସେ ତାଙ୍କର ଶରୀରକୁ ନେଇ ବହୁତ ଗର୍ବିତ। ଏହା ସହ ସେ କହିଛନ୍ତି ଅନେକ ନାୟିକା ତାଙ୍କ ପରି ଶରୀର ପାଇବା ପାଇଁ ଅନେକ ପରିଶ୍ରମ କରିଥାଆନ୍ତି। କିନ୍ତୁ ସମସ୍ତଙ୍କ ଭାଗ୍ୟରେ ଏପରି ଶରୀର ନଥାଏ। କେବଳ ଏତିକି ନୁହେଁ ସେ ନିଜେ ତାଙ୍କ ଶରୀରର ଜଣେ ବଡ ଫ୍ୟାନ ବୋଲି ପ୍ରକାଶ କରିଛନ୍ତି ସାନା।

# ସମୁଦ୍ର ଭିତରେ ୭ ବର୍ଷ

୧୯୯୭ରେ ସ୍ୱାମୀଙ୍କର ମୃତ୍ୟୁ ହୋଇଯିବା ପରେ ଫ୍ଲୋରିଡା ନିବାସୀ ୮୬ ବର୍ଷିୟା ଲି ବାଷ୍ଟେଟର ସମୁଦ୍ରରେ ଜୀବନ ବିତାଉଛନ୍ତି । ସେ ବିଗତ ୭ ବର୍ଷ ଧରି ଲକଜୁରୀ କ୍ରୁଜ ସିପ କ୍ରିଷ୍ଟଲ ସେରେନିଟିରେ ରହୁଛନ୍ତି । ମୃତ୍ୟୁ ପୂର୍ବରୁ ଲିଙ୍କୁ ତାଙ୍କ ସ୍ୱାମୀ କହିଥିଲେ । ତାଙ୍କ ଅନ୍ତେ ସେ ଯେମିତି ଜାହାଜରେ ନରହିବା ଛାଡନ୍ତି । ଲି ତାଙ୍କର ୫୦ ବର୍ଷର ବୈବାହିକ ଜୀବନରେ ଅଧିକାଂଶ ସମୟ ଜାହାଜରେ ରହୁଥିଲେ । ସ୍ୱାମୀଙ୍କ ମୃତ୍ୟୁ ପରେ ସେ ଘର ବିକି ଦେଇ ଜାହାଜରେ ରହିବାକୁ ଆରମ୍ଭ କଲେ । ଏଥିରେ ତାଙ୍କର ରହିବା, ଖାଇବା, ଡ୍ୟାନ୍ସ ପ୍ରୋଗ୍ରାମ, କକଟେଲ ପାର୍ଟି ଆଦି ସାମିଲ ହୋଇଛି ।

# ଇଲେକ୍ଟ୍ରିକ୍ ଚାମଚ



ଏବେ ଖାଦ୍ୟର ସ୍ୱାଦକୁ ପରିବର୍ତ୍ତନ କରିବ ଚାମଚ । ହଁ ସତରେ, ଜାପାନ, ଯୋକିଓସ୍ଥିତ ମେଇଜି ୟୁନିଭର୍ସିଟିର ବିଶେଷଜ୍ଞମାନେ ଏହି ବିଦ୍ୟୁତ୍ ଚାମଚ ବା କଣ୍ଟା ଚାମଚ ଡିଜାଇନ୍ କରିଛନ୍ତି । ଏହା ଯେ କୌଣସି ଲବଣ ବିହୀନ ତଥା କମ୍ ଲୁଣଯୁକ୍ତ ଖାଦ୍ୟର ସ୍ୱାଦକୁ ଲୁଣଯୁକ୍ତ କରିବାରେ ସାହାର୍ଯ୍ୟ କରିବ । ତେବେ ଏହି ଚାମଚରେ ଲୁଣ ନାହିଁ କିମ୍ବା ସତରେ ଏହା ଖାଦ୍ୟକୁ ଲୁଣିଆ କରି ନଥାଏ । ଏହି ଚାମଚରେ ଖାଦ୍ୟ ଖାଇବା ସମୟରେ ଏଥିରେ ଥିବା ଏକ ବଟନ୍‌କୁ ଅନ୍ କରିବା ଦ୍ୱାରା କମ୍ ଲୁଣଯୁକ୍ତ ଖାଦ୍ୟ ବି ସ୍ୱାଦିଷ୍ଟ ଲାଗେ । ଉକ୍ତ ଇଲେକ୍ଟ୍ରିକ୍ ଚାମଚରେ କମ୍ ଭୋଲ୍ଟର ବିଦ୍ୟୁତ ପ୍ରବାହିତ ହେଉଥିବା ଯୋଗୁ ଏହା ବିପଦମୁକ୍ତ । ଏହି ନୂଆ କୌଶଳ ବିଶେଷକରି ସୋଶାଲ୍ ଡାଏଟ୍ କରୁଥିବା ଲୋକଙ୍କ ପାଇଁ ଅତ୍ୟନ୍ତ ଉପଯୋଗୀ ସାବ୍ୟସ୍ତ ହେବ ବୋଲି ଗବେଷଣାରତ ବିଶେଷଜ୍ଞ ହିରୋମି ନାକାରୁମି କହିଛନ୍ତି । ଏହାବ୍ୟତୀତ ଡାଇବେଟିସ୍ ଓ ଲୋ ବ୍ଲଡ୍‌ପ୍ରେସର ରୋଗୀ ମଧ ଏହି ଚାମଚ ବ୍ୟବହାର କରି କମ୍ ଲୁଣଯୁକ୍ତ ଖାଦ୍ୟରେ ବି ସ୍ୱାଦିଷ୍ଟ ବ୍ୟଞ୍ଜନର ମଜା ନେଇପାରେ ।




# ଘାତକ ଡାଏବେଟିସ୍

ମଧୁମେହ ସମସ୍ୟାକୁ ସମୂଳେ ନାଶ କରିବା ହୁଏତ ଅସମ୍ଭବ, କିନ୍ତୁ ସାମାନ୍ୟ ସାବଧାନତା ଅବଲମ୍ବନ କରାଗଲେ ଏଥିରୁ ସୃଷ୍ଟି ହେବାକୁ ଥିବା ପ୍ରାଣଘାତକ ସମସ୍ୟାରୁ ଅନ୍ତକେ ରକ୍ଷା ପାଇହେବ। ଏହି ରୋଗ ଅନେକ ସମୟରେ ପ୍ରାକୃତିକ କିମ୍ବା ବଂଶାନୁକ୍ରମିକ ହୋଇଥାଏ। ମଧୁମେହ ହେବାର ଦୁଇଟି କାରଣ ରହିଛି। ଶରୀରରେ ଇନ୍ସୁଲିନ୍ ତିଆରି ବନ୍ଦ ହେବା କିମ୍ବା ଇନ୍ସୁଲିନ୍ ପ୍ରଭାବ ଶରୀରରେ ହ୍ରାସ ପାଇବା। ଏହି ଦୁଇଟି ପରିସ୍ଥିତିରେ ଶରୀରରେ ଗ୍ଲୁକୋଜ ବା ଶର୍କରା ମାତ୍ରା ବୃଦ୍ଧି ପାଇଥାଏ। ମଧୁମେହ ରୋଗୀ ପ୍ରଥମେ ନିଜ ଆହାର ଉପରେ ଧ୍ୟାନ ଦେବା ଉଚିତ। ଏହି ରୋଗ ବୟସ ସହ ମୃତ୍ୟୁ ପର୍ଯ୍ୟନ୍ତ ରହିଥାଏ। ତେଣୁ ଏଥିରୁ ସୃଷ୍ଟି ହେବାକୁ ଥିବା ବିପଦରୁ ମୁକ୍ତ ରହିବାକୁ ହେଲେ ସାବଧାନତା ଓ ଜୀବନଶୈଳୀରେ ଶୃଙ୍ଖଳା ରକ୍ଷା ହିଁ ଏକମାତ୍ର ଉପାୟ। ରକ୍ତରେ ଗ୍ଲୁକୋଜ ଶର୍କରା ସ୍ତର ନିର୍ଦ୍ଧାରିତ ସୀମାରୁ ଅଧିକ ହେଲେ ଏହାକୁ ମଧୁମେହ କୁହାଯାଏ। ପ୍ରକୃତରେ ମଧୁମେହ ବା ଡ଼ାଏବିଟିସ୍ ଜୀବନଶୈଳୀରେ ପରିବର୍ତ୍ତନ ବା ଆନୁବଂଶିକ ହୋଇଥାଏ। ଯାହା ଶରୀରରେ ପାନକ୍ରିୟାଜ୍ ବା ଅଗ୍ନାଶୟ ଗ୍ରନ୍ଥିକୁ ନିଷ୍କ୍ରିୟ କରି ରୋଗୀକୁ ପ୍ରଭାବିତ କରେ। ପାନକ୍ରିୟାଜ୍ ନିଷ୍କ୍ରିୟ ହେବା ଦ୍ୱାରା ଇନ୍ସୁଲିନ୍ ରକ୍ତରେ ଶର୍କରାରମାତ୍ରାକୁ ସନ୍ତୁଳିତ କରୁଥିବା ହରମୋନ ତିଆରି ବନ୍ଦ ହୋଇଯାଏ। ଏହାସହ କୋଲେଷ୍ଟୋରଲ୍ ଓ ଚର୍ବି ସ୍ତର ମଧ୍ୟ ଅସନ୍ତୁଳିତ ହୋଇଯାଏ। ଯେଉଁ କାରଣରୁ ଶରୀରରେ ପରିବର୍ତ୍ତନ ଆସିବା ସହ ଚକ୍ଷୁ, ମସ୍ତିଷ୍କ, ହୃତ୍‌ପିଣ୍ଡ ସମ୍ବନ୍ଧୀୟ ସମସ୍ୟାର ସାମ୍ନା କରିବାକୁ ପଡ଼େ। ଡାଏବିଟିସ୍‌ର ପ୍ରଭାବ କିଡ଼ନୀ ଉପରେ ରୋଗ ଆରମ୍ଭ ହେବାର କିଛି ବର୍ଷ ମଧ୍ୟରେ ପଡ଼ିଥାଏ। ଏହାକୁ ରୋକିବାକୁ ବ୍ଲଡ଼ ସୁଗାର ଏବଂ ରକ୍ତଚାପ ଉଭୟକୁ ନର୍ମାଲ ରଖିବା ଦରକାର। ବ୍ଲଡ଼ ସୁଗାର ସ୍ତରକୁ ନିୟନ୍ତ୍ରଣରେ ରଖିପାରିଲେ ଆଖିର ମୋତିଆବିନ୍ଦୁ ଭଳି ସମସ୍ୟାରୁ ରକ୍ଷା ପାଇପାରିବେ। ମଧୁମେହ ରୋଗୀଙ୍କ ମଧ୍ୟରେ ଅଧିକାଂଶ ୬୫ ବର୍ଷ ବୟସରେ ପହ ୍ବା ବେଳକୁ ହୃଦ୍‌ଘାତଜନିତ ସମସ୍ୟାରେ ପୀଡ଼ିତ ହୋଇଥାନ୍ତି। ଏଥିରୁ ବର୍ତ୍ତିବାକୁ ଗ୍ଲୁକୋଜ ସ୍ତରକୁ ନିୟନ୍ତ୍ରଣରେ ରଖିବା ସହ ରକ୍ତଚାପ, କୋଲେଷ୍ଟୋରଲ୍ ଓ ଅବସାଦ ଉପରେ ନିୟନ୍ତ୍ରଣ ରଖିବା ଜରୁରୀ। ମଧୁମେହ ଯୋଗୁ ହୃଦ୍‌ଘାତ, ଷ୍ଟ୍ରୋକ୍, ବିଭିନ୍ନ ଅଙ୍ଗପ୍ରତ୍ୟଙ୍ଗରେ ସଂକ୍ରମଣ ଓ କିଡ଼ନୀ ଫେଲ ଭଳି ବିପଦ ମଧ୍ୟ ସୃଷ୍ଟି ହୋଇଥାଏ। ଏହା ଧମନୀ, ତ୍ୱଚା ଓ ନାଡିତନ୍ତ୍ରକୁ ମଧ୍ୟ ହାନି ପହ ।ଇଥାଏ।

ଡାଏବିଟିସ୍‌ରେ ପୀଡ଼ିତ ହେଲେ ଥକ୍କାପଣ, ଶରୀର ଦୁର୍ବଳ ହୋଇପଡ଼ିବା, ଗୋଡ଼ରେ ଯନ୍ତ୍ରଣା, ପାଦବିନ୍ଧା, ଗୋଡ଼ରେ ଘା’ ଦୀର୍ଘ ଦିନ ଯାଏ ନଶୁଖି ଗାଙ୍ଗିନ୍‌ର ରୂପ ନେବା, ଅଧିକ ପରିସ୍ରା ଓ ଭୋକ ଲାଗିବା, ଓଜନ ହ୍ରାସ ହେବା, ବାରମ୍ବାର ଚଷମା ନମ୍ବର ପରିବର୍ତ୍ତନ କରିବା, ଯୌନାଙ୍ଗରେ କୁଣ୍ଡାଇ ହେବା ବା ସଂକ୍ରମଣ, ହୃଦୟଜନିତ ସମସ୍ୟା କିମ୍ବା ମାନସିକ ଅସ୍ଥିରତା ସୃଷ୍ଟି ହୋଇଥାଏ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଅନୁସାରେ, ଡାଏବିଟିସ୍ ବା ମଧୁମେହ ଏସିଆର ସବୁଠୁ ବଡ଼ ସ୍ୱାସ୍ଥ୍ୟ ସମସ୍ୟାଗୁଡ଼ିକ ମଧ୍ୟରେ ଗୋଟିଏ। ଯାହାର ପ୍ରଭାବ ସବୁଠୁ ଅଧିକ ଭାରତରେ ଦେଖାଯାଏ।

ଅନ୍ତଃରାଷ୍ଟ୍ରୀୟ ଡାଏବିଟିସ୍ ଫେଡେରେସନ ମୁତାବକ, ଭାରତରେ ପ୍ରାୟ ୬.୫ କୋଟି ବୟସ୍କ ଡାଏବେଟିସ୍ ଓ ୭.୭ କୋଟି ଲୋକ ପ୍ରି ଡାଏବିଟିସ୍ ସମସ୍ୟାରେ ପୀଡ଼ିତ। ବର୍ତ୍ତମାନ ସ୍ଥିତି ଦେଖି ଅନେକ ସ୍ୱାସ୍ଥ୍ୟ ସଂଗଠନ ଏହି ଅନୁମାନ ଲଗାଇଛନ୍ତି ଯେ, ଭାରତରେ ୨୦୩୦ ବେଳକୁ ଡାଏବିଟିସ୍‌ରେ ପୀଡ଼ିତଙ୍କ ସଂଖ୍ୟା ପ୍ରାୟ ୧୦ କୋଟି ଓ ୨୦୩୫ ବେଳକୁ ୧୦.୯ କୋଟିରେ ପହ  ସାରିଥିବ। ଭାରତର ମେଟାଲିକ୍ ସର୍ଜରୀ ଫାଉଣ୍ଡେସନ୍ ପକ୍ଷରୁ ବାରିଏଟ୍ରିକ୍ ସର୍ଜରୀ ଦ୍ୱାରା ମଧୁମେହର ଉପଚାର କରାଯାଇଛି। ଯଦ୍ୱାରା ୨୦୧୧ରେ ପ୍ରାୟ ୩୫ଶହ ଓ ୨୦୧୩ରେ ୧୦ ହଜାର ପୀଡ଼ିତଙ୍କ ଚିକିତ୍ସା ସମ୍ଭବ ହୋଇପାରିଥିଲା। ଡାଏବିଟିସ୍ ରୋଗରୁ ରକ୍ଷା ପାଇବାକୁ ହେଲେ ଉଚିତ ବିକଳ୍ପ ଓ ଦୃଢ଼ ସଂକଳ୍ପ ଅତ୍ୟନ୍ତ ଜରୁରୀ। ଏହା ବ୍ୟତୀତ ରକ୍ତରେ ଗ୍ଲୁକୋଜ ମାତ୍ରାର ନିୟମିତ ଯା  , ବ୍ୟାୟାମ ଆଦି ମଧୁମେହର ରୋଗରେ ଇନ୍ସୁଲିନ୍ କମ୍ ମାତ୍ରାରେ ତିଆରି ହୋଇଥାଏ। ନଚେତ୍ ପାନକ୍ରିୟାଜ ଠିକ୍ ଭାବେ କାମ କରିନଥାଏ। ମଧୁମେହର ୯୦ ପ୍ରତିଶତ ରୋଗୀ ଏହି ସ୍ତରରେ ଆସିଥାନ୍ତି। ବ୍ୟାୟାମ, ବାଲାନ୍ସଡ ଡାଏଟ ଓ ନିୟମିତ ଔଷଧ ସେବନ ଦ୍ୱାରା ଏହାକୁ ନିୟନ୍ତ୍ରଣରେ ରଖିହେବ।

**ଡାଏବିଟିସ୍‌ର ସାମାନ୍ୟ ସ୍ତର :** ରକ୍ତରେ ଶର୍କରାର ସାମାନ୍ୟ ସ୍ତର ନିମ୍ନ ପ୍ରକାର ରହିବା ଦରକାର। ଭୋକିଲା ପେଟରେ ଅବା ବ୍ରତ ଉପବାସ ସମୟରେ ଶର୍କରା ୧୦୦ ମିଗ୍ରା। ଖାଦ୍ୟ ଖାଇବା ପୂର୍ବରୁ ୭୦ରୁ ୧୩୦ମିଗ୍ରା। ଖାଦ୍ୟ ଖାଇବା ପରେ ଶର୍କରାର ପରିମାଣ ୧୮୦ ମିଗ୍ରାରୁ କମ୍। ଶୋଇବା ସମୟରେ ସାମାନ୍ୟ ମାତ୍ରା ୧୦୦ରୁ ୧୪୦ ମିଗ୍ରା।

**ଡାଏବିଟିସ୍‌ର ଯା  ନିଦାନ:** ବେନେଡିକ୍ଟ ଟେଷ୍ଟ, ଗ୍ଲୁକୋଜ ଅକ୍ସବେଜ୍ ଟେଷ୍ଟ, ଖାଲି ପେଟରେ ଶର୍କରା ସ୍ତରର ଯା  , ଗ୍ଲୁକୋଜ ସାରୁ ଭଳି ପରିବା କମ୍ ଅବା ଆଦୌ ଖାଇବା ଉଚିତ ନୁହେଁ। ଏଭଳି ବ୍ୟକ୍ତିଙ୍କୁ କିଛି ଫଳ ଯେମିତିକି କଦଳୀ, ଖଜୁରୀ, ଆତ, ସେପେଟା ଆଦିଠୁ ଦୂରେଇ ରହିବା ଉଚିତ। ଡାଏବିଟିସ୍‌ରେ ପୀଡ଼ିତ ରୋଗୀଙ୍କ ପାଇଁ ସାଲାଡ୍ ଉତ୍ତମ। ଏହାସହ ବିଭିନ୍ନ ପ୍ରକାର ଶାଗ (ମେଥି, ପାଳଙ୍ଗ, ସୋରିଷଶାଗ, ଚଣାଶାଗ), କାକୁଡ଼ି, କ୍ୟାପ୍ସିକମ୍, ଭେଣ୍ଡି, ପାଣିକଖାରୁ, ଜହ୍ନି, ଗୁଆଁର, ଶିମ୍ବ, ଝୁଡୁଙ୍ଗ ଓ ଗାଜର ଆଦି ଖାଇବା ଦରକାର। ଏହାବ୍ୟତୀତ ଫାଇବର ଏବଂ ଓମେଗା ୩ ଫ୍ୟାଟି ଏସିଡ଼ଯୁକ୍ତ ଆହାର ଅଧିକ ପରିମାଣରେ ସେବନ କରିବା ଉଚିତ। ଯଦି ଆମିଷ ଖାଇବାକୁ ପସନ୍ଦ କରୁଛନ୍ତି, ତେବେ ତନ୍ଦୁରୀ କିମ୍ବା ସିଝା ମାଂସ, ଚିକେନ ଓ ମାଛ ଖାଇପାରିବେ। ଗୋଟିଏ କିମ୍ବା ଦୁଇଟି ଅଣ୍ଡା ମଧ୍ୟ ଚାହିଁଲେ ଖାଇପାରିବେ। ବର୍ତ୍ତମାନ ମହାନଗରମାନଙ୍କରେ ଛୋଟ ପିଲା ଡାଏବିଟିସ୍‌ରେ ଖୁବ୍ ସହଜରେ ଶିକାର ହେଉଛନ୍ତି। ଏହାର ମୁଖ୍ୟ କାରଣ ହେଉଛି ପିଲାଙ୍କ ଜୀବନଶୈଳୀ ଏବଂ



ସମସ୍ୟାକୁ ଦୂର କରିବାରେ ସହାୟକ ହେବ। ଅଧିକ ଜାଣିବାକୁ ଡାକ୍ତରୀ ପରାମର୍ଶ ନେଇପାରନ୍ତି।

## ଡାଏବିଟିସ୍‌ର ପ୍ରକାର ଭେଦ-

**ଟାଇପ୍ ୧ ଡାଏବିଟିସ୍:** ଟାଇପ୍ ୧ ଡ଼ାଏବିଟିସ୍ ପିଲାଦିନେ ଅବା କିଶୋରବସ୍ଥାରେ ଅଚାନକ ଇନ୍ସୁଲିନ୍‌ର ଉତ୍ପାଦନ ଅଭାବରୁ ହେଉଥିବା ରୋଗ। ଏ ଅବସ୍ଥାରେ ଇନ୍ସୁଲିନ୍ ତିଆରି ସମ୍ପୂର୍ଣ୍ଣ ଭାବେ ବନ୍ଦ ହୋଇଯାଏ। ଏହା କୌଣସି ଆଣ୍ଟିବଡ଼ିଜ୍ କାରଣରୁ ବିଟା ସେଲ୍‌ର ସମ୍ପୂର୍ଣ୍ଣ ଭାବେ କାମ କରିବା ବନ୍ଦ ହେବା ଦ୍ୱାରା ହୋଇଥାଏ। ଏମିତିରେ ଶରୀରରେ ଗ୍ଲୁକୋଜର ବର୍ଦ୍ଧିତ ମାତ୍ରାକୁ ନିୟନ୍ତ୍ରଣ କରିବାକୁ ଇନ୍ସୁଲିନ୍ ଇଞ୍ଜେକ୍ସନର ଆବଶ୍ୟକ ପଡ଼ିଥାଏ। ଏଭଳି ରୋଗୀଙ୍କ ସଂଖ୍ୟା ଖୁବ୍ କମ୍।

**ଟାଇପ୍ ୨ ଡାଏବିଟିସ୍:** ଟାଇପ ୨ ଡାଏବିଟିସ୍ ସାଧାରଣ ଭାବେ ୩୦ ବର୍ଷ ବୟସ ପରେ ଧୀରେ ଧୀରେ ବୃଦ୍ଧି ପାଏ। ଏହାଦ୍ୱାରା ପ୍ରଭାବିତ ଅଧିକାଂଶ ଲୋକଙ୍କ ଓଜନ ସମାନ୍ୟରୁ ଅଧିକ ହୋଇଥାଏ କିମ୍ବା ପୃଥୁଳକାୟ ଉଦର ଯୋଗୁଁ ଏଭଳି ସମସ୍ୟା ଉତ୍ପନ୍ନ ହୁଏ। ଏହି ରୋଗ ଅନେକ ସମୟରେ ଆନୁବଂଶିକ ହୋଇଥିବା ବେଳେ ଅନ୍ୟ କେତେବେଳେ ପରିବର୍ତ୍ତିତ ଜୀବନଶୈଳୀ ସହ ଜଡ଼ିତ ଥାଏ। ଏହିପ୍ରକାର ଟଲରାନ୍ସ ଟେଷ୍ଟ ଡାଏବିଟିସ୍ ରୋଗରେ ଅବସାଦର ଭୂମିକା ମହତ୍ୱପୂର୍ଣ୍ଣ ରହିଥାଏ। ଅବସାଦରୁ ବର୍ତ୍ତିବାକୁ ଯଥାସମ୍ଭବ ଚେଷ୍ଟା କରିବେ। ଅବସାଦ ଯୋଗୁଁ ହାର୍ଟ ଉପରେ କୁପ୍ରଭାବ ପଡ଼େ। ତେଣୁ ପରସ୍ପର ସହ ଆଲୋଚନା କରି ଅବସାଦକୁ ନିଜ ଠାରୁ ଦୂରେଇ ଦିଅନ୍ତୁ। ଶାରୀରିକ ରୂପରେ ସକ୍ରିୟ ରୁହନ୍ତୁ - ନିତ୍ୟ ବ୍ୟାୟାମ, ଯୋଗ, ପ୍ରାଣାୟମ ଅଭ୍ୟାସ କରିବା ଦ୍ୱାରା ମଧୁମେହ ନିୟନ୍ତ୍ରଣରେ ରହିଥାଏ। ଏହାସହ ମୋଟାପଣକୁ ନିୟନ୍ତ୍ରଣରେ ରଖିବା ମଧ୍ୟ ଏକ ସମୟରେ ଗୁରୁତ୍ୱପୂର୍ଣ୍ଣ। ନିୟମିତ ସୁଗର ସ୍ତର ଯା  ନିତାନ୍ତ ଜରୁରୀ। କୌଣସି ପ୍ରକାର ଘା’କୁ ଖୋଲା ଛାଡ଼ନ୍ତୁ ନାହିଁ। ଫଳରସ ସେବନ କରିବା ପରିବର୍ତ୍ତେ ଫଳ ଖାଆନ୍ତୁ। ବ୍ୟାୟାମ ବା ଚାଲିବା ଦ୍ୱାରା ଓଜନ ନିୟନ୍ତ୍ରଣରେ ରଖନ୍ତୁ। ଯୋଗ ମଧ୍ୟ ମଧୁମେହ ରୋଗୀଙ୍କ ପାଇଁ ବେଶ ଲାଭକାରୀ। ଗ୍ଲୁକୋଜ, ଚିନି, ଜ୍ୟାମ୍, ଗୁଡ଼, ମିଠା, ଆଇସ୍କ୍ରିମ, କେକ, ପେଷ୍ଟ୍ରିଜ୍ ଓ ଚକୋଲେଟ୍ ଆଦିଠାରୁ ମଧୁମେହ ରୋଗୀ ଦୂରେଇ ରହିବା ଉଚିତ। ଛଣାଛଣି ଅବା ତେଲମସଲା ଜାତୀୟ ଖାଦ୍ୟ ଏମାନଙ୍କ ପାଇଁ ହାନିକାରକ। ଏହାବ୍ୟତୀତ ମଦ୍ୟପାନ ଅବା ମୃଦୁପାନୀୟ ଡାଏବିଟିସ୍ ରୋଗୀଙ୍କ ପାଇଁ ବିପଦ ଆଣିପାରେ। ଡାଏବିଟିସ୍ ରୋଗୀଙ୍କୁ ଧୂମପାନ ଠାରୁ ଦୂରେଇ ରହିବା ସହ ବାଦାମ ତଥା ଆଳୁ ଓ ଖାଦ୍ୟପେୟ। ଏବର ପିଲାଙ୍କଠାରେ ଦେଖାଯାଉଥିବା ମଧୁମେହ ଅନ୍ୟ ଏକ କାରଣ ହେଉଛି ଜଙ୍କଫୁଡ଼୍, ସଫ୍ଟଡ୍ରିଙ୍କ ଭଳି ସୌଖୀନ ଖାଦ୍ୟର ସେବନ। ସେମାନଙ୍କୁ ଏହା ଜଣାନଥାଏ ଯେ, ଏ ସମସ୍ତ ଖାଦ୍ୟଦ୍ରବ୍ୟ ଭବିଷ୍ୟତରେ ହେବାକୁ ଥିବା ଏହି ରୋଗ ପିଲାଦିନୁ ହିଁ ଗ୍ରାସ କରିବ। ମଧୁମେହରେ ପୀଡ଼ିତ ହେବାରୁ ସେମାନଙ୍କ ଶରୀରରେ ସନ୍ତୁଳନ ରଖୁଥିବା ବିଟା ସେଲ୍ ଦୁର୍ବଳ ହୋଇପଡ଼େ। ତେବେ ସାମାନ୍ୟ ସାବଧାନତା ଅବଲମ୍ବନ କଲେ ପିଲାଙ୍କୁ ଏହି ରୋଗୀ ଠାରୁ ଦୂରେଇ ରଖିପାରିବେ। ଏଥିପାଇଁ ପ୍ରଥମେ ପିଲାଙ୍କ ଜଙ୍କଫୁଡ଼୍ ଏବଂ ସଫ୍ଟଡ୍ରିଙ୍କ ସେବନ ବନ୍ଦ କରିବାକୁ ପଡ଼ିବ। ଅସାମାନ୍ୟ ଭାବେ ବୃଦ୍ଧି ପାଉଥିବା ଶରୀରର ଓଜନକୁ ନିୟନ୍ତ୍ରଣ କରିବାକୁ ହେବ। ଶାରୀରିକ ସ୍ତରରେ ପିଲାଙ୍କୁ ସକ୍ରିୟ କରିବାକୁ ପଡ଼ିବ। ସକାଳ ସନ୍ଧ୍ୟାରେ ସେମାନଙ୍କୁ ଚଲାବୁଲା ଅଭ୍ୟାସ କରିବା ସହ ବ୍ୟାୟାମ ଓ ଯୋଗ ପ୍ରାଣାୟମ ଶିଖାଇବା ଦରକାର। ଏହାଦ୍ୱାରା ଅତିରିକ୍ତ କ୍ୟାଲୋରୀ ନଷ୍ଟ ହୋଇଥାଏ। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ସେମାନଙ୍କୁ ମିଠା, ଦ୍ରବ୍ୟଠାରୁ ଦୂରେଇ ରଖିବାକୁ ହେବ। ସମୟ ସମୟରେ ସେମାନଙ୍କ ଓଜନ ମାପିବା ସହ ବହୁ ପରିମାଣର ପାଣି ପିଆଇବା ଦରକାର।

# ଆଜାଦଙ୍କ ଇସ୍ତଫା କଂଗ୍ରେସ ପାଇଁ ଚେତାବନୀ

ଏଥିରେ କେହି ଦ୍ୱିମତ ହେବେ ନାହିଁ ଯେ, ସାଧାରଣ ନିର୍ବାଚନରେ କେନ୍ଦ୍ରରେ ବିଜେପି କ୍ଷମତାସୀନ ହେବା ପରଠାରୁ ଭାରତୀୟ ଜାତୀୟ କଂଗ୍ରେସରେ ବରିଷ୍ଠ ନେତାମାନଙ୍କର ଦଳ ଛାଡିବା ଏକ ସାଧାରଣ ଘଟଣାରେ ପରିଣତ ହୋଇଛି। ଯାହାକି ଦେଶର ସର୍ବପୁରାତନ ରାଜନୈତିକ ଦଳକୁ ଏକ ବୁଡିଯାଉଥିବା ଡଙ୍ଗା ସଦୃଶ କରିଦେଇଛି। ତେବେ ଦଳ ଯେତେବେଳେ ନିଜର ସ୍ଥିତି ବଂଚାଇବା ପାଇଁ ସଂଘର୍ଷ କରୁଛି ଏବଂ ଦଳର ସାଂଗଠନିକ ତଥା ସଭାପତି ନିର୍ବାଚନ ପାଇଁ କ୍ଷେତ୍ର ପ୍ରସ୍ତୁତି କରୁଛି, ସେତେବେଳେ ଦଳର ବରିଷ୍ଠ ନେତା ୭୩ ବର୍ଷ ବୟସ୍କ ଗୁଲାମ ନବୀ ଆଜାଦ୍, ଯେ କି ଦଳର ଚାରିଜଣ ପ୍ରଧାନମନ୍ତ୍ରୀଙ୍କ ଅଧିନରେ କାର୍ଯ୍ୟ କରିଛନ୍ତି, କେନ୍ଦ୍ରମନ୍ତ୍ରୀ ହୋଇଛନ୍ତି, ସମ୍ବେଦନଶୀଳ ଜାମ୍ମୁ-କାଶ୍ମୀରର ମୁଖ୍ୟମନ୍ତ୍ରୀ ଭାବେ ଜନସାଧାରଣଙ୍କ ସେବାରେ ନିଜକୁ ନିୟୋଜିତ କରିଛନ୍ତି। ସର୍ବୋପରି ଦଳର ସାଧାରଣ ସମ୍ପାଦକ ଭାବେ ଦକ୍ଷତାର ସହ କାର୍ଯ୍ୟ କରିଛନ୍ତି, ତାଙ୍କର ଇସ୍ତଫା ସର୍ବପୁରାତନ ରାଜନୈତିକ ଦଳ ପାଇଁ ଏକ ଅନ୍ତିମ ଚେତାବନୀ ବୋଲି କୁହାଯାଇପାରିବ। ଦଳର ଅନ୍ତରିଣ ସଭାପତି ସୋନିଆ ଗାନ୍ଧୀଙ୍କ ନିକଟକୁ ସେ ପଠାଇଥିବା ପାଂଚ ପୃଷ୍ଠାବ୍ୟାପୀ ଇସ୍ତଫାପତ୍ରରେ ନିଜର କ୍ଷୋଭ, ଯନ୍ତ୍ରଣାକୁ ଅବଗତ କରାଇବା ସହ ଦଳର ପୂର୍ବତନ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କ ଆଚାର, ବିଚାର, ବ୍ୟବହାର, କାର୍ଯ୍ୟଶୈଳୀକୁ କଟୁ ସମାଲୋଚନା କରିବା ସହ ଦଳକୁ ପୁନର୍ଗଠନ ବା ପୁନରୁଦ୍ଧାର କରିବା ପାଇଁ ପରାମର୍ଶ ଦେବାକୁ ଭୁଲିନାହାଁନ୍ତି ବୋଲି କୁହାଯାଇପାରେ। ଏହା ମଧ୍ୟ ସତ୍ୟ ଯେ, ଆଜାଦ ଯେଉଁ ପରାମର୍ଶ ଦେଇଛନ୍ତି, ତାହା ବୁଡିଯାଇଥିବା କଂଗ୍ରେସର ଏକ ଅବିଚ୍ଛେଦ୍ୟ ଅଙ୍ଗ। ଆହୁରି ମଧ୍ୟ ଆଜାଦଙ୍କ ପତ୍ର ତାଙ୍କର ରାଜନୈତିକ ଜୀବନର ନିଶ୍ଚିତ ଭାବରେ ଏକ ଗୁରୁତ୍ୱପୂର୍ଣ୍ଣ ମୁହୂର୍ତ୍ତ। ଛାତ୍ରାବସ୍ଥାରୁ କଂଗ୍ରେସ ସହ ଜଡିତ ହୋଇ ଦୀର୍ଘ ୫୩ ବର୍ଷ ଧରି ଦଳ ପାଇଁ କାର୍ଯ୍ୟ କରିବା, ଦଳର ଦୁଃଖସୁଖରେ ସଂଶ୍ଳିଷ୍ଟ ରହିଥିବା ଆଜାଦ ପୂର୍ବତନ କଂଗ୍ରେସ ନେତା ବର୍ତମାନର ରାଷ୍ଟ୍ରବାଦୀ କଂଗ୍ରେସ ପାର୍ଟିର ସୁପ୍ରିମୋ ଶରଦ୍ ପାୱାରଙ୍କ ପରି ନୁହଁନ୍ତି। ଶ୍ରୀ ପାୱାର ଅତୀତରେ ଦଳର ଅଧ୍ୟକ୍ଷା ଶ୍ରୀମତୀ ଗାନ୍ଧୀଙ୍କର ବିଦେଶୀ ନାଗରିକତ୍ୱ ପ୍ରସଙ୍ଗ ଉଠାଇ ଦଳ ଛାଡିଥିବା ବେଳେ ଆଜାଦଙ୍କ ସମାଲୋଚନା ଅଧିକ ରାଜନୈତିକ ଗୁରୁତ୍ୱ ବହନ କରୁଛି। ଯାହାକି ଗୋଟିଏ ପ୍ରତିଷ୍ଠାନର ଆଭ୍ୟନ୍ତରୀଣ ବ୍ୟାପାର ବୋଲି ନିଃସନ୍ଦେହରେ କୁହାଯାଇପାରିବ। ଆଜାଦ ତାଙ୍କ ସମାଲୋଚନାରେ ‘କଟେରୀ’ ଶବ୍ଦ ବ୍ୟବହାର କରିଥିବା ବେଳେ ଦଳର ଥିବା ମତ ବିନିମୟ ଅନ୍ତ ଘଟିଥିବା ଦର୍ଶାଇଛନ୍ତି। ଏଥିପାଇଁ ସେ ରାହୁଲ ଗାନ୍ଧୀଙ୍କୁ ସିଧାସଳଖ ଦାୟୀ କରିଛନ୍ତି। କୋଟେରୀ (ଖୋସମତିଆ)ଙ୍କ ଘେରରେ ରହି ରାହୁଲ ଅଭିଜ୍ଞ-ବରିଷ୍ଠ ନେତାମାନଙ୍କୁ ଅପମାନିତ କରିବା ସହ ଦଳର ପତନ ପାଇଁ ସିଧାସଳଖ ତାଙ୍କୁ ଦାୟୀ କରିଛନ୍ତି। କେବଳ ଏତିକି ରାହୁଲଙ୍କ ଆଚରଣକୁ ମଧ୍ୟ ‘ପିଲାଳିଆମୀ’ କହିବାକୁ ମଧ୍ୟ କୁଣ୍ଠାବୋଧ କରିନାହାନ୍ତି। ନିଜ ଦଳର ସରକାରଙ୍କର ଏକ ଅଧ୍ୟାଦେଶକୁ ରାଷ୍ଟ୍ରପତି ସ୍ୱୀକୃତି ଦେଇସାରିଥିବାବେଳେ ତାହାକୁ ଚିରି ଫିଙ୍ଗିଦେବା ପାଇଁ ସର୍ବସାଧାରଣରେ କହିବା ତାଙ୍କ ପିଲାଳିଆମୀ ବ୍ୟତୀତ ଅନ୍ୟ କିଛି ନୁହେଁ ବୋଲି ଆଜାଦ୍ ଦର୍ଶାଇବା ସହ ଏଥିଲାଗି ଉଭୟ ସରକାର ଓ ଦଳର ମୁହଁ ବିକୃତ ହୋଇଥିଲା ବୋଲି କହିଛନ୍ତି। କେବଳ ଏତକି ନୁହେଁ, ଦଳର ଅଧ୍ୟକ୍ଷ ପଦରୁ ଅଚାନକ ଇସ୍ତଫା ତାଙ୍କ ଅପରିପକ୍ୱତାର ପରିଚୟ ଦେଇଛି ବୋଲି କହିଛନ୍ତି। ଆହୁରି ମଧ୍ୟ ଅଧ୍ୟକ୍ଷ ପଦରୁ ଓହରି ଯାଇ ରିମୋଟ କଂଟ୍ରୋଲ ଏବଂ ପ୍ରକ୍ସି ମାଧ୍ୟମରେ ଦଳର ମାର୍ଗଦର୍ଶକ ସାଜିଛନ୍ତି। ଯାହାକି ଦଳ ପାଇଁ ମହଙ୍ଗା ସାବ୍ୟସ୍ତ ହୋଇଛି। କେବଳ ଲୋକସଭା ନିର୍ବାଚନ ନୁହେଁ, ଦଳ ଗୋଟିଏ ପରେ ଗୋଟିଏ ରାଜ୍ୟର କ୍ଷମତା ହରାଇଛି। ବିଜେପି ଏବଂ ଆଂଚଳିକ ଦଳଗୁଡିକ ନିକଟରେ କଂଗ୍ରେସର ପରାଜୟ ହୋଇଛି। କଂଗ୍ରେସ ପୁଣି ପୁନରୁଦ୍ଧାର ହୋଇପାରିବ କି ନାହିଁ, ସେ ନେଇ ଆଜାଦ୍ ଯେଉଁ ସନ୍ଦେହ ପ୍ରକଟ କରିଛନ୍ତି, ତାହା ମଧ୍ୟ ଅଯଥାର୍ଥ ନୁହେଁ ବୋଲି କୁହାଯାଇପାରେ। ଏହା ସ୍ପଷ୍ଟ ଯେ, ଆଜାଦଙ୍କ ପତ୍ର ପ୍ରତି କଂଗ୍ରେସ ଯଦି ଧ୍ୟାନ ନଦିଏ, ତେବେ ଦଳ ପାଇଁ ଘୋର ବିପର୍ଯ୍ୟୟର କାରଣ ହେବ। ଦଳର ନେତୃତ୍ୱ ଏବଂ ନେତାମାନେ ସତ୍ୟ ପ୍ରତି ଧ୍ୟାନ ଦେବା ଜରୁରୀ ଏବଂ ଏହାକୁ ଦୃଷ୍ଟିରେ ରଖି ପଦକ୍ଷେପ ଗ୍ରହଣ କରିବା ଉଚିତ। ଯଦି କଂଗ୍ରେସ ନିଜକୁ ପୁନର୍ଜୀବିତ କରିବାକୁ ଚାହେଁ, ତେବେ ବିଳମ୍ବ ହେବା ପୂର୍ବରୁ ପଦକ୍ଷେପ ନେବା ଜରୁରୀ। ଏହା ସତ୍ୟ ଯେ, କଂଗ୍ରେସର ପୁନରୁଦ୍ଧାର ପାଇଁ ଗାନ୍ଧୀ ନେହେରୁ ପରିବାର ନିଜର ଭୂମିକାରୁ ଓହରି ଯିବା ଉଚିତ। ଆସନ୍ତା ସେପ୍ଟେମ୍ବରରେ ଦଳର ସଭାପତି ନିର୍ବାଚନ ହେବାକୁ ଯାଉଥିବା ବେଳେ ଗାନ୍ଧୀ ନେହେରୁ ପରିବାର ଏଥିପ୍ରତି ଧ୍ୟାନ ଦେବେ ବୋଲି ଆଶା କରିବା।

## ବିଦ୍ୟୁତ ଯନ୍ତ୍ରୀ ମହାସଂଘର ସାଧାରଣ ବୈଠକ

ଫୁଲନଖରା (ପିଏନ୍)-ଓଡ଼ିଶା ବିଦ୍ୟୁତ ଯନ୍ତ୍ରୀ ମହାସଂଘ ପକ୍ଷରୁ ଏହାର ବାର୍ଷିକ ସାଧାରଣ ବୈଠକ ପାହାଳସ୍ଥିତ ହୋଟେଲ ପାଲ ହାଇଟ୍ସ ମନ୍ତ୍ରା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସିଏମସି ମେୟର ତଥା ମହାସଂଘ ସଭାପତି ସୁବାସ ସିଂ ମୁଖ୍ୟ ଅତିଥିଭାବେ ଯୋଗଦେଇ ଯନ୍ତ୍ରୀମାନଙ୍କ ବିଭିନ୍ନ ନ୍ୟାଯ୍ୟ ଦାବି ସମ୍ପର୍କରେ ଅବଗତ



ହେବା ସହିତ ଏହାର ଦୂରୀକରଣ ଦିଗରେ ସମ୍ମିଳିତ ଉଦ୍ୟମ କରିବାକୁ ଆହ୍ୱାନ ଦେଇଥିଲେ। କୋଭିଡ଼ରେ ମୃତ୍ୟୁବରଣ କରିଥିବା ବିଦ୍ୟୁତ କର୍ମଚାରୀଙ୍କ ପରିବାର ସଦସ୍ୟଙ୍କୁ ଚାକିରି ଦେବା, ଯନ୍ତ୍ରୀମାନଙ୍କ ପଦୋନ୍ନତି, ଅତିରିକ୍ତ ସମୟ କାର୍ଯ୍ୟ ପାଇଁ ଦେୟ ପ୍ରଦାନ, ଖାଲି ପଡ଼ିଥିବା ପଦବୀ ତୁରନ୍ତ ପୂରଣ କରିବା ଆଦି ଏକାଧିକ ଦାବି ସମ୍ପର୍କରେ ବୈଠକରେ ଆଲୋଚନା ହେବା ସହିତ ଏହାକୁ କାର୍ଯ୍ୟକାରୀ କରିବା ସକାଶେ ରାଜ୍ୟ ସରକାରଙ୍କ ଦୃଷ୍ଟିଆକର୍ଷଣ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଇଂ. ପ୍ରଶାନ୍ତ କୁମାର ପ୍ରଧାନ, ଇଂ. ଦେବାଶିଷ ମହାପାତ୍ର, ଇଂ. ବିଭୁପ୍ରସାଦ ଦାଶ, ଟାଟା ପାୱାରର ସିଜିଏମ ଇଂ. ଦୀପଙ୍କର ବେହେରା ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଫୁଲନଖରା ବିଦ୍ୟୁତ ବିଭାଗ ଯନ୍ତ୍ରୀ ଇଂ. ନଳିନୀକାନ୍ତ ବିଶ୍ୱାଳ କାର୍ଯ୍ୟକ୍ରମ ପରିଚାଳନା କରିଥିଲାବେଳେ ଇଂ.ପ୍ରମୋଦକୁମାର ସେଠୀ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

## ଜିଲ୍ଲାସ୍ତରୀୟ ବିଶ୍ୱ ତମାଖୁ ବର୍ଜନ ଦିବସ ପାଳିତ



କେନ୍ଦ୍ରାପଡା (ପିଏନ୍): ତମାଖୁ ନିରୋଧ ଆଇନ କାର୍ଯ୍ୟକାରୀ ଦ୍ୱାରା ତମାଖୁ ସେବନ ହଟାଇବା ୨୦ ପ୍ରତିଶତ ସଫଳ ହୋଇଥାଏ । କିନ୍ତୁ ତମାଖୁ ବର୍ଜନ ସଚେତନତା ଜରିଆରେ ୮୦ ପ୍ରତିଶତ ସଫଳତା ମିଳିଥାଏ । ତେଣୁ ସଚେତନତା ହିଁ ତମାଖୁ ବ୍ୟବହାରକୁ ଦୁରେଇବାରେ ଅମୋଘ ଅସ୍ତ୍ର । ପ୍ରତି ସେକେଣ୍ଡରେ ଜଣେ କ୍ୟାନ୍ସରରେ ଆକ୍ରାନ୍ତ ହେଉଛନ୍ତି । ତମାଖୁରେ ରହିଛି ୪ହଜାରରୁ ଅଧିକ ପ୍ରକାରର ରାସାୟନିକ ପଦାର୍ଥ । ଏହାର ସେବନ ଦ୍ୱାରା ମୁହଁ, ଜିଭ, ଗାଲ, ସ୍ୱରଜନ୍ତ୍ର ଭଳି ଅଙ୍ଗ ଗୁଡିକ ନଷ୍ଟ ହୁଏ । ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସମ୍ମିଳନୀ କକ୍ଷରେ ଜିଲ୍ଲା ସ୍ତରୀୟ ବିଶ୍ୱ ତମାଖୁ ବର୍ଜନ ଦିବସ ପାଳନ ଅବସରରେ ଆୟୋଜିତ ଏକ ସଭାରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରିଣୀ ଡା. ଅନିତା ପଟ୍ଟନାୟକ ଅଧ୍ୟକ୍ଷତା କରିଥିଲେ । ଦିବସ ପାଳନ ଉପଲକ୍ଷେ ଏବର୍ଷର ବିଷୟ ବସ୍ତୁ ଥିଲା- “ଟୁ କ୍ରିଏଟ୍ ଆୱାରନେସ୍ ଆମଙ୍ଗ ଦ ପିପୁଲ ଇନ ଆୱାର ସୋସାଇଟି ଟୁ ଆଭଏଡ୍ ଟବାକୋ ଆଣ୍ଡ ଚୟସ୍ ଦ ଲାଇଫ୍” । ସଭାରେ ପୋଲିସ ବିଭାଗ କୋଟପ୍ପା ଆଇନକୁ କଡାକଡି ଲାଗୁ କରିବା କଥା, ସର୍ବ ସାଧାରଣ ସ୍ଥାନ ଓ ସମସ୍ତ ସରକାରୀ କାର୍ଯ୍ୟାଳୟରେ ପାନ, ଗୁଟୁଖା ତମାଖୁ ସେବନ ନିଷେଧ ପାଇଁ ବିଜ୍ଞପ୍ତି ତଥା ନିର୍ଦ୍ଦେଶନାମା ଜାରୀ କରିବା ବିଷୟରେ ଆଲୋଚନା କରାଯାଇଥିଲା । ନିଶା ସେବନ କଲେ ତାହାର ନିକୋଟିନ, ଟକ୍ସିନ ଫୁସଫୁସ ପ୍ରଭୃତିର କ୍ଷତି ସମ୍ପର୍କରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରିଣୀ ଆଲୋକପାତ କରିଥିଲେ । ତମାଖୁ ସେବନ କଲେ ମୁଖ ଗହ୍ୱର କର୍କଟ ପ୍ରଭୃତି ମାରାତ୍ମକ ରୋଗରେ ପିଡିତ ହୋଇ ତମାଖୁ ସେବନକାରୀର ମୃତ୍ୟୁ ଘଟିଥାଏ ବୋଲି ସେ କହିଥିଲେ । ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଇନ୍ଦ୍ରମଣୀ ବେହେରା ଯୋଗଦେଇ ତମାଖୁ ବର୍ଜନ ସମ୍ପର୍କିତ ବିଭିନ୍ନ ଆଇନ ସମ୍ପର୍କରେ ବର୍ଣ୍ଣନା କରିଥିଲେ । କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲା ଚିକିତ୍ସା ଅଧିକାରୀ(ପରିବାର କଲ୍ୟାଣ) ଡା. ସଚ୍ଚିଦାନନ୍ଦ ମିଶ୍ର , ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ମିର୍ଜା ବାବର ବେଗ୍, ଡା. ପିକେ ଦାସ, ଡା. ପି.ଏମ୍. ଗୀତାଞ୍ଜଳୀ ଦାସ, ତୁଳସୀ ମହିଳା ମହାବିଦ୍ୟାଳୟର ଡିପିଓ ଡଃ. ପଦ୍ମଜା କବି ଶତପଥୀ, ସମସ୍ତ ନର୍ସଛାତ୍ରୀ, ଡାକ୍ତରଖାନାର କର୍ମଚାରୀମାନେ ଯୋଗ ଦେଇଥିଲେ। ଏହି ଉପଲକ୍ଷେ ଆୟୋଜିତ ବକ୍ତୃତା ଓ ଚିତ୍ରାଙ୍କନ ପ୍ରତିଯୋଗିତାର ୯ଜଣ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା । ପ୍ରାରମ୍ଭରେ ଉପସ୍ଥିତ ସମସ୍ତ ସଦସ୍ୟ ତମାଖୁ ବର୍ଜନ କରିବା ପାଇଁ ସପଥ ପାଠ କରିଥିଲେ। ଶେଷରେ ଡି.ପି.ଏଚ୍.ସି.ଓ. ଶାନ୍ତିଲତା ଚାନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ ।

# ପଦ୍ମଶ୍ରୀ ରଜତ କରଙ୍କ ବିୟୋଗରେ ସ୍ମୃତିସଭା



ଖୋର୍ଦ୍ଧା (ପିଏନ୍): ଜ୍ଞାନ ତପସ୍ୱୀ ପଦ୍ମଶ୍ରୀ ରଜତ କର ଥିଲେ ଓଡ଼ିଆ ଭାଷା, ସାହିତ୍ୟ, ଧର୍ମ ତଥା ସଂସ୍କୃତିର ସଶ୍ରଦ୍ଧ ଉଚ୍ଚାରଣ। ତାଙ୍କ ବିୟୋଗ ସାରା ଭାରତବର୍ଷ ପାଇଁ ଏକ ଅପୂରଣୀୟ କ୍ଷତି ବୋଲି ସ୍ୱର୍ଗତଃ କରଙ୍କ ସ୍ମୃତିସଭାରେ ବକ୍ତାମାନେ ମତବ୍ୟକ୍ତ କରିଛନ୍ତି। ତ୍ରିନାଥ ଚରଣ ସ୍ମୃତି କଳା ସାହିତ୍ୟ ସଂସଦ ପକ୍ଷରୁ ସଭାପତି ସତ୍ୟବାଦୀ ବଳିଆରସିଂହଙ୍କ ପୌରୋହିତ୍ୟରେ ସ୍ଥାନୀୟ ଗାୟତ୍ରୀ ଶକ୍ତିପୀଠ ପରିସରରେ ସ୍ମୃତିସଭାରେ ସ୍ୱର୍ଗତଃ ଆତ୍ମାଙ୍କ ସଦ୍‌ଗତି କାମନା କରାଯାଇ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ରଥଯାତ୍ରା ଧାରା ବିବରଣୀର ଭାଷ୍ୟକାର, ପାଲା ଓ ଭଂଜ ସାହିତ୍ୟରେ ପାଣ୍ଡିତ୍ୟ ସମ୍ପର୍କରେ ସାହିତ୍ୟିକ ଡ. ଶରଚ୍ଚନ୍ଦ୍ର ମହାପାତ୍ର ଆଲୋଚନା କରିଥିଲେ। ପ୍ରଫେସର ହୃଦାନନ୍ଦ ରାୟ ସ୍ୱର୍ଗତଃ କରଙ୍କ ବାବଦରେ ତାଙ୍କ ଆତ୍ମଜୀବନୀରେ ବିସ୍ତୃତ ଭାବେ ଉଲ୍ଲେଖ କରିଛନ୍ତି ବୋଲି ସେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡ. ବୃନ୍ଦାବନ ପଣ୍ଡା, କବି ଗୋବିନ୍ଦ ଚନ୍ଦ୍ର ମହାରଣା, ସ୍ତଂଭକାର ସମରେନ୍ଦ୍ର ବଳିଆରସିଂହ, ରାଜକିଶୋର ପଟ୍ଟନାୟକ, ଜ୍ୟୋତିପ୍ରଭା ପଟ୍ଟନାୟକ ପ୍ରମୁଖ ସ୍ୱର୍ଗତଃ କରଙ୍କୁ ଜଣେ ଭଲ ମଣିଷ ଭାବେ ବର୍ଣ୍ଣନା କରିଥିଲେ। ଜ୍ୟୋତିରଂଜନ ସାହୁ, ପ୍ରିୟଙ୍କା ମିଶ୍ର ସଭା ପରିଚାଳନାରେ ସହଯୋଗ କରିଥିବାବେଳେ ତ୍ରିନାଥ ଚରଣ ସ୍ମୃତି କଳା ସାହିତ୍ୟ ସଂସଦର ସମ୍ପାଦିକା ଇତିଶ୍ରୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଲଣ୍ଡା ହେଲେ ଅଭିନେତା ଚନ୍ଦନ କର



ଭୁବନେଶ୍ୱର (ପିଏନ୍): ବର୍ତ୍ତମାନ ସମୟରେ ଓଡ଼ିଆ ଚଳଚ୍ଚିତ୍ର ନିଜର ଅସ୍ତିତ୍ୱ ହରାଇବାକୁ ବସିଲାଣି ଓ ଅନେକ ସିନେମା ହଲ୍‌ଗୁଡ଼ିକ ବନ୍ଦ ହେବାକୁ ବସିଲାଣି। ଚଳଚ୍ଚିତ୍ର ଜଗତକୁ ପୂର୍ବଭଳି ଉଜ୍ଜୀବିତ କରିବାକୁ ଅଣ୍ଟା ଭିଡ଼ିଛନ୍ତି ଚନ୍ଦନ କର। ଚିରାଚରିତ ଲଭ୍, ରୋମାନ୍ସ୍ ଭଳି ସିନେମାଠାରୁ ଦୂରେଇ ଓଡ଼ିଶାର ସଂସ୍କୃତି ଓ ଇତିହାସକୁ ନେଇ ଚଳଚ୍ଚିତ୍ର ନିର୍ମାଣ କରିବାକୁ ଉଦ୍ୟମ କରୁଛନ୍ତି ଅଭିନେତା ଚନ୍ଦନ। କିଛିଦିନ ପୂର୍ବରୁ ଓଡ଼ିଶାର ପ୍ରଥମ ଶହୀଦ ଜୟୀରାଜଗୁରୁଙ୍କ ଜୀବନ କାହାଣୀକୁ ନେଇ ‘ମହର୍ଷି’ ଶୀର୍ଷକ ଏକ ଚଳଚ୍ଚିତ୍ର ନିର୍ମାଣ କରିଛନ୍ତି, ଯାହା ମୁକ୍ତିଲାଭ ଅପେକ୍ଷାରେ ଅଛି ଓ ଏବେ ଓଡ଼ିଶା ଚଳଚ୍ଚିତ୍ର ଜଗତରେ ଏକ ଇତିହାସ ସୃଷ୍ଟି କଲାଭଳି ଚଳଚ୍ଚିତ୍ର କଳାପାହାଡ଼ ନିର୍ମାଣ କରିବାକୁ ଯାଉଛନ୍ତି। ଏହି ଚଳଚ୍ଚିତ୍ରରେ ନିଜର ଚରିତ୍ରକୁ ଜୀବନ୍ତ କରିବାକୁ ଯାଇ ଅଭିନେତା ଚନ୍ଦନଙ୍କୁ ଲଣ୍ଡା ହେବା ସହ ଦାଢ଼ିକୁ ବଢ଼ାଇବା ପାଇଁ ପଡ଼ିଛି। ଏହି ଚଳଚ୍ଚିତ୍ରଟି ଏସ୍‌ଡିଡି ଏଣ୍ଟରଟେନ୍‌ମେଣ୍ଟ ଦ୍ୱାରା ନିର୍ମିତ ହେବାକୁ ଯାଉଥିବା ଦ୍ୱିତୀୟ ଚଳଚ୍ଚିତ୍ର। ଏହି ଚଳଚ୍ଚିତ୍ରରେ ଅନ୍ୟମାନଙ୍କ ମଧ୍ୟରେ ଅଭିନେତ୍ରୀ ସ୍ନିଗ୍ଧା ମହାନ୍ତି, ଜୀବନ ପଣ୍ଡା, ପ୍ରତିଭା ପଣ୍ଡା, ଦେବୀ ବାରିକ, ଅଭିନବ ସିଂ, ଶ୍ରୀକୁମାର ଜେନା, ପ୍ରଶାନ୍ତ ନାୟକ, ମନୋଜ ମହାପାତ୍ର, ରଞ୍ଜନ ପ୍ରମୁଖଙ୍କ ସହ ଛତିଶଗଡ଼ର ଜଣାଶୁଣା ଅଭିନେତା ଅଜୟ ପାଟିଲ ଅଭିନୟ କରିଛନ୍ତି। ଏହି ଚଳଚ୍ଚିତ୍ରରେ ନିର୍ଦ୍ଦେଶନା ଦେଇଛନ୍ତି ବି. ଶ୍ରୀବତ୍ସ, ପ୍ରଯୋଜକ ଓ ଚିତ୍ର ଉତ୍ତୋଳନ ଭାର ସମ୍ଭାଳିଛନ୍ତି ପ୍ରଦୀପ କୁମାର, ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ମଳୟ ମିଶ୍ର, ଗୀତିକାର ଓ ସଂଳାପ ରଚନା କରିଛନ୍ତି ଡଃ ନିର୍ମଳ ନାୟକ, କ୍ରିଏଟିଭ୍ ଡାଇରେକ୍ଟର ଭାବେ ଦେବାଶିଷ ଜେନା ଦାୟିତ୍ୱ ନେଇଛନ୍ତି।

# ପାଇକ ଆଖଡ଼ା ଦଳର ପୁନର୍ବିନ୍ୟାସ ଦାବି

ଖୋର୍ଦ୍ଧା (ପିଏନ୍)- ବରୁଣେଇରେ ପାଇକ ସ୍ମାରକୀ ପାଇଁ କାହିଁକି ବିଳମ୍ବ ହେଉଛି, ସେଥିନେଇ ସର୍ବଭାରତୀୟ କ୍ଷତ୍ରିୟ ସଂଗଠନର କର୍ମକର୍ତାମାନେ ବରୁଣେଇ ସ୍ମାରକୀ ସ୍ଥଳ ପରିଦର୍ଶନ କରିଛନ୍ତି। ସ୍ମାରକୀ ପାଇଁ ତୁରନ୍ତ ଜମି ପ୍ରଦାନ ପାଇଁ ରାଜ୍ୟ ସରକାର ପଦକ୍ଷେପ ନେବା ସହ ରାଜ୍ୟର ବିଭିନ୍ନ ପାଇକ ଆଖଡ଼ା ଦଳର ପୁନର୍ବିନ୍ୟାସ ପାଇଁ ସଂଗଠନର ନେତା ଶଙ୍କର ପାଟ୍ଟିଦାର, ରତନଲାଲ ପଟ୍ଟିଦାର ଓ ଜଗଦୀଶ ପଟ୍ଟିଦାର ଦାବି କରିଛନ୍ତି। ପଂଚପାଇକ ପ୍ରତିମୂର୍ତିରେ ଶ୍ରଦ୍ଧାଂଜଳି ଅର୍ପଣ କରିବା ସହ ଖୋର୍ଦ୍ଧା ଓ ଆଖପାଖ ଅଂଚଳରେ ଥିବା ପାଇକ ବିଦ୍ରୋହ ସମ୍ପର୍କିତ ବିଭିନ୍ନ ଐତିହ୍ୟ ସ୍ମାରକୀ ସ୍ଥଳ ପରିଦର୍ଶନ କରିଛନ୍ତି। କଳିଙ୍ଗ ପାଇକ ସଂଗଠନ ପକ୍ଷରୁ ସେମାନଙ୍କୁ ଭବ୍ୟ ସ୍ୱାଗତ କରାଯିବା ସହ ସଂଗଠନର କାର୍ଯ୍ୟାଳୟରେ ଏ ନେଇ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହୋଇଥିବାର ଜଣାପଡ଼ିଛି। ଉପଦେଷ୍ଟା ଭୀମସେନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ କଳିଙ୍ଗ ପାଇକ ସଂଗଠନର ଉପଦେଷ୍ଟା ଐତିହାସିକ ସତ୍ୟବାଦୀ ବଳିଆରସିଂହ, ଖ୍ୟାତନାମା ସାହିତ୍ୟିକା ଡ. ଶକୁନ୍ତଳା ବଳିଆରସିଂହ, ଇଂ. ଶିଶିର କୁମାର ନାୟକ, ସାଧାରଣ ସମ୍ପାଦକ କୃଷ୍ଣଚନ୍ଦ୍ର ହରିଚନ୍ଦନ, ପ୍ରଫୁଲ୍ଲ କୁମାର ସାମନ୍ତରାୟ, ଅମରେନ୍ଦ୍ର ମହାପାତ୍ର, ପ୍ରଦୀପ କୁମାର ବିଶ୍ୱାଳ, ସୁଷମା ପ୍ରଧାନ ଓ ଶ୍ରୀବତ୍ସ ବାରିକ ପ୍ରମୁଖ ଉପସ୍ଥିତ ଥିଲେ। ପାଇକମାନଙ୍କୁ କ୍ରୀଡ଼ା ବିଭାଗ ପକ୍ଷରୁ ଆର୍ଥିକ ସହାୟତା ପ୍ରଦାନ ସହ କଳିଙ୍ଗ ରେଜିମେଂଟ ଗଠନ ନେଇ ଆଲୋଚନା ହୋଇଥିଲା। ଓଡ଼ିଶାରେ ମାଳ ମାଳ ନଦୀ ନାଳ ଥାଇ ବନ୍ଧ ବାଡ଼ ନିର୍ମାଣ ହେଉ ନଥିବାରୁ କୃଷକମାନଙ୍କର ଆର୍ଥିକ ଦୁରାବସ୍ଥା ଘଟୁଥିବା ସମ୍ପର୍କରେ କେନ୍ଦ୍ରୀୟ କ୍ଷତ୍ରିୟ ସଂଗଠନର ପ୍ରତିନିଧିମାନେ କ୍ଷୋଭପ୍ରକାଶ କରିଥିଲେ।

## ହିନ୍ଦୀକୁ ଲଦିଦେବା ପ୍ରସଙ୍ଗ ଉପରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ରାଜ୍ୟପାଳଙ୍କୁ ସାକ୍ଷାତ କଲା ଉତ୍କଳ ସମ୍ମିଳନୀ

ଭୁବନେଶ୍ୱର (ପିଏନ୍): ନିକଟରେ ୩୭ତମ ସଂସଦୀୟ ଭାଷା କମିଟି ବୈଠକରେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଅଣହିନ୍ଦୀ ଭାଷାଭାଷୀ ରାଜ୍ୟରେ ହିନ୍ଦୀକୁ ଲଦିଦେବା ପ୍ରସଙ୍ଗ ଉପରେ ଦେଇଥିବା ବକ୍ତବ୍ୟକୁ ବିରୋଧ କରି ଓଡିଶାର ରାଜ୍ୟପାଳଙ୍କ ଜରିଆରେ ମହାମହିମ ଭାରତର ରାଷ୍ଟ୍ରପତିଙ୍କ ନିକଟକୁ ଦାବିପତ୍ର ପଠାଇଛି ଉତ୍କଳ ସମ୍ମିଳନୀ। ଏହି ସଂକ୍ରାନ୍ତରେ ଉତ୍କଳ ସମ୍ମିଳନୀ ମଞ୍ଚେଶ୍ୱର ଶାଖା ସଭାପତି ଅଧିବକ୍ତା ଦିଲ୍ଲୀପ ଦାଶଶର୍ମାଙ୍କ ନେତୃତ୍ୱରେ ଉତ୍କଳ ସମ୍ମିଳନୀର ଏକ ପ୍ରତିନିଧିମଣ୍ଡଳୀ ରାଜ୍ୟପାଳ ଶ୍ରୀଯୁକ୍ତ ଗଣେଶୀ ଲାଲଙ୍କୁ ସାକ୍ଷାତ କରି ଆଲୋଚନା କରିବା ସହିତ ଏହି ପତ୍ର ପ୍ରଦାନ କରିଥିଲେ। ଉତ୍କଳ ସମ୍ମିଳନୀର ଏହି ପ୍ରତିନିଧିମଣ୍ଡଳୀରେ ଶ୍ରୀ ଦାଶଶର୍ମାଙ୍କ ସହିତ ଉପ-ସଭାପତି ଶିତଳ ଚନ୍ଦ୍ର ମହାନ୍ତି, ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ସୁବୁଦ୍ଧି ଓ ସଦସ୍ୟ ଅକ୍ଷୟ କୁମାର ଜେଠୀ ରାଜ୍ୟପାଳଙ୍କୁ ସାକ୍ଷାତକରି ଆଲୋଚନାରେ ଭାଗ ନେଇଥିଲେ। ରାଜ୍ୟପାଳଙ୍କୁ ଉତ୍କଳ ସମ୍ମିଳନୀ ଫଳକ ସହିତ ଉତ୍କଳ ପ୍ରଭାତ ବହି ଓ ଉତ୍କଳ ସମ୍ମିଳନୀ ସମାଚାର ପତ୍ରିକା ପ୍ରଦାନ କରାଯାଇଥିଲା।




# ମର୍ତ୍ତ୍ୟ ମଣ୍ଡଳେ ଦେହ ବହି.....

ଜନ୍ମ ହେଲେ ମୃତ୍ୟୁ ସୁନିଶ୍ଚିତ। ଗୋଟିଏ ଅତ୍ୟନ୍ତ ତାତ୍ପର୍ଯ୍ୟପୂର୍ଣ୍ଣ କଥା ହେଉଛି 'ମର୍ତ୍ତ୍ୟ ମଣ୍ଡଳେ ଦେହ ବହି, ଦେବତା ହୋଇଲେ ମରଇ'। ସଂସାର ରୂପକ ରଙ୍ଗମଞ୍ଚରେ ଜନ୍ମ ପରେ ପ୍ରତ୍ୟେକଙ୍କୁ ଭଗବାନଙ୍କ ନିର୍ଦ୍ଦେଶ ଅନୁଯାୟୀ ନିଜ ନିଜର ଅଭିନୟ ଶେଷ କରି ମୃତ୍ୟୁବରଣ କରିବାକୁ ହୁଏ। ଅସଂଖ୍ୟ ଅଭିନେତା ଓ ଅଭିନେତ୍ରୀଙ୍କ ଅଭିନୟ ଦେଖିଥିଲେ ମଧ୍ୟ ସମସ୍ତଙ୍କୁ ମନେରଖି ହୁଏନାହିଁ। କେତେ ଜଣଙ୍କ ସଂସ୍ପର୍ଶରେ ଆସିଲା ପରେ ସେମାନଙ୍କର ମନଛୁଆଁ ଅଭୁଲା କାର୍ଯ୍ୟ କଳାପ ଯୋଗୁଁ ସେମାନଙ୍କୁ ଭୁଲି ହୁଏନାହିଁ। ଏହିପରି ଜଣେ ମହିୟସୀ ମହିଳା ଥିଲେ ମୋ ମାଆ ପୂଜ୍ୟା ଶ୍ରୀ ଶ୍ରୀ ଠାକୁର ନିଗମାନନ୍ଦଙ୍କ ଆଶ୍ରିତ ବାସନ୍ତୀ ଦେବୀ।

ଏହି ଅନିତ୍ୟ ସଂସାରରେ ଜନ୍ମ ନେଲେ ଯିବାକୁ ହିଁ ହୁଏ ଦିନେ। ବାସ୍ତବରେ ଯିବାଟା ହିଁ ସତ୍ୟ। ଯାହା ପ୍ରମାଣ କରେ ପୁଣିଥରେ ଆସିବାକୁ। ମାତ୍ର ଯେଉଁମାନେ ପରମପୁରୁଷ ଭଗବତ କୃପାଭିକ୍ଷୁ ଓ ସେବକ ସେମାନେ ଆପଣାର ସ୍ମୃତିର ପଦଚିହ୍ନ ଛାଡ଼ି ଯାଇଥାନ୍ତି ପରବର୍ତ୍ତୀ ସମୟର ଜନମାନସ ପାଇଁ। ସତ୍ୟ, ନ୍ୟାୟ ଓ ତ୍ୟାଗର କ୍ଷୁରଧାରକୁ ଅହର୍ନିଶ ପରୀକ୍ଷା କରୁଥିବା, ଜୀବନ ଯନ୍ତ୍ରଣାରେ ବେଦନାବିଦ୍ଧ ହୋଇ ପରପାଇଁ ସୁଖର ହସ ବାଣ୍ଟୁଥିବା ଜଣେ ସେହିପରି ଅବିସ୍ମରଣୀୟ ବ୍ୟକ୍ତିତ୍ୱ ଥିଲେ ଏହି ପରୋପକାରୀ ଆଧ୍ୟାତ୍ମିକ ସମାଜ ସେବିକା ସ୍ୱର୍ଗତାଃ ବାସନ୍ତୀ ଦେବୀ।

ମନେପଡୁଛି ଭଗବାନ ଶ୍ରୀସତ୍ୟସାଇ ବାବାଙ୍କ ଏକ ଦିବ୍ୟ ବାଣୀ। ''ଜନ୍ମମୃତ୍ୟୁର ଚକ୍ରରୁ ମୁକ୍ତି ପାଇବା ପାଇଁ ତୁମ ସମସ୍ତଙ୍କ ହାତରେ ଖଣ୍ଡିଏ ଲେଖାଏଁ ଟିକେଟ ଅଛି। ମାତ୍ର ଏଥିପାଇଁ କେଉଁ ଗାଡ଼ିରେ ଚଢ଼ିବାକୁ ହେବ, ତୁମେ ଜାଣି ନପାରି ବାଟବଣା ହେଉଛ। ସଂସାରରୂପୀ ଜଙ୍ଗଲରେ ନାନା ଦୃଶ୍ୟ ଦ୍ୱାରା ଆକୃଷ୍ଟ ହୋଇ ଲକ୍ଷ୍ୟଭ୍ରଷ୍ଟ ହେଉଛ।''

ଶ୍ରୀମଦ ଭାଗବତରେ ଉଲ୍ଲେଖ ଅଛି -'ଦେହ ବହିଲେ ନିଶ୍ଚେ ମରି, ସଂସାର ନୁହଁଇ କାହାରି, ବୃକ୍ଷର ତଳେ ଜେହ୍ନେ ଆସି, ପଥିକ ବିଶ୍ରାମନ୍ତି ବସି। ପୁଣି ଚଳନ୍ତି ଶ୍ରମ ସାରି, ସେ ବୃକ୍ଷ ନୁହଁଇ କାହାରି।' ଏହା ଅବିସମ୍ବାଦିତ ସତ୍ୟ। ମୋହମାୟା ସଂସାରରେ ସମସ୍ତେ ନିଜ ନିଜ କର୍ମକୁ ଆଧ୍ୟାତ୍ମିକ ପଥରେ କ୍ୱଚିତ ନେଇଥାନ୍ତି। ଆମ ସମୟରେ ଜଣେ ନୀରବ ଜୀବନ ସାଧିକା ଥିଲେ ଏହି ପରୋପକାରୀ ମହିଳା ବ୍ୟକ୍ତିତ୍ୱ। ଜୀବନକୁ ସେ କେବଳ ବଞ୍ଚିନାହାନ୍ତି, ଜୀବନକୁ କେବଳ ସେ ସାଧି ସାଧି ପରିଶେଷରେ ଈଶ୍ୱର ପ୍ରାପ୍ତି ହୋଇଛନ୍ତି। ଜଣେ ତେଲ ଲୁଣ ସଂସାର ଓ ସାମାଜିକ ଦାୟିତ୍ୱ ପ୍ରତିପାଦନ ସହ ସାର୍ବଜନୀନ ସାଧନା ଦ୍ୱାରା କିପରି ଦିବ୍ୟତ୍ୱ ପ୍ରାପ୍ତି ବା ଦିବ୍ୟ ଜୀବନ ଲାଭ ହୋଇପାରିବ ସେ ତା'ର ଯଥାର୍ଥ ପ୍ରତୀକ ଥିଲେ। ମନେପଡୁଛି ଏକ ବେଦ ଉପନିଷଦର ଦର୍ଶନର ଧାଡ଼ିଟିଏ - 'ସେ ଜାତୋ ଯେନ ଜାତେନ ଯାତି ବଂଶଃ ସମୁନ୍ନତିମ। ପରିବର୍ତ୍ତିନି ସଂସାରେ ମୃତଃ କୋବା ନ ଜାୟତେ।' ଦୁର୍ଲଭ ମଣିଷ ଜୀବନର ସଫଳତା କର୍ମ ଉପରେ ନିର୍ଭର କରିଥାଏ। ଏ ସଂସାରରେ କେତେ ବର୍ଷ ଜୀବନ ଧାରଣ କରାଗଲା ତାହା କେବେ ହେଲେ ଜୀବନର ମୂଲ୍ୟାୟନର ମାପକାଠି ହୋଇ ନ ପାରେ। ନିଜ ଗୁରୁ, ଇଷ୍ଟ, ଭଗବାନଙ୍କ ଉପରେ ଅଖଣ୍ଡ ବିଶ୍ୱାସ ରଖି ସଦାସର୍ବଦା କର୍ମତତ୍ପର ଓ ଆଦର୍ଶଣୀୟ ଜୀବନଯାପନ କରିବା ହେଉଛି ମାନବିକତାର ପରିଚୟ। ଏହିପରି ଏକ ଜୀବନର ମୂର୍ତ୍ତିମନ୍ତ ପ୍ରତୀକ ଥିଲେ। ତାଙ୍କ ଜୀବନ ତମାମ ସର୍ବୋପରି ଥିଲା ଅନ୍ୟମାନଙ୍କ ପାଇଁ ସମାଜ ସେବା, ଅନ୍ୟ ମାନଙ୍କ ଉପକାର, ଅନ୍ୟ ମାନଙ୍କ ପାଇଁ ହିଁ ଭଲପାଇବା। ଆଜି ତାଙ୍କ ବୋହୂ ପୁଷ୍ପଲତା ଦାସ, ନାତୁଣୀ ସାଇସ୍ମିତା ଦାସ, ସତ୍ୟସାଗର ଦାସ ସମସ୍ତେ କାନ୍ଦୁଛନ୍ତି ତାଙ୍କର ଅମର ଆତ୍ମା ପାଇଁ କିନ୍ତୁ ସେ ତାଙ୍କ ଜୀବନକୁ ନିର୍ବାହ କରିଥିଲେ ପରୋପକାର, ସମାଜ ସେବା ଓ ଆଧ୍ୟାତ୍ମିକ ଜୀବନ ପାଇଁ ସମର୍ପିତ ହୃଦୟକୁ ନେଇ। ଯେଉଁଠି ନା ଥିଲା ସ୍ୱାର୍ଥ, ନା ଥିଲା ପ୍ରଚାର, ନା ଥିଲା ପ୍ରସାର? ଆଜି ତମାମ କେନ୍ଦୁପାଟଣା ନୁହେଁ ଓଡ଼ିଶା କାନ୍ଦୁଛି ଏହି ମହିୟସୀ ବ୍ୟକ୍ତିତ୍ୱଙ୍କ ପାଇଁ। କାରଣ ତାଙ୍କର ଜୀବନର ସମର୍ପଣ ଥିଲା ଅନ୍ୟମାନଙ୍କ ସେବା, ଅନ୍ୟମାନଙ୍କ ଉନ୍ନତି, ଅନ୍ୟମାନଙ୍କ ପ୍ରଗତି। ଜଗତକୁ ଆସିଲେ ଜଗତ ଛାଡ଼ିବା, ଜୀବ ପାଇଁ ଏକ ନିଶ୍ଚିତ ସତ୍ୟ। ମଣିଷ ଆସେ ଯେଉଁ ଅନନ୍ତ ସତ୍ତା ମଧ୍ୟରୁ ତାର ଫେରିବା ନିଶ୍ଚିନ୍ତ ହୋଇଥାଏ। ସେହି ସତ୍ତା ମଧ୍ୟରେ ବିଲୀନ ହୋଇଯିବା ପାଇଁ। ମାତ୍ର ବାଟ ଚାଲିଲା ବେଳେ ବାଟ ହୁଡ଼ିଲେ ଲକ୍ଷ୍ୟ ସ୍ଥାନରେ ପହଞ୍ଚିବା ହୋଇଯାଏ କାହାରି କାହାରି ପକ୍ଷରେ କଷ୍ଟସାଧ୍ୟ ଅଥବା ଅସମ୍ଭବ। ଜୀବନରେ ତ୍ୟାଗ, ଉତ୍ସର୍ଗ, ଭଲ ପାଇବା, ପରୋପକାର, ଅନ୍ୟମାନଙ୍କ ସମର୍ପଣ ବଡ଼ କଥା। ଏହାହିଁ ଆମମାନଙ୍କ ପାଇଁ ପ୍ରେରଣା ଉତ୍ସ ହେଉ, ଏହାହିଁ କାମନା।

# ବରୁଥିନି ଏକାଦଶୀ



ପ୍ରାଚୀନ କାଳରେ ନର୍ମଦା ନଦୀ ତଟରେ ମାନ୍ଧାତା ନାମକ ରାଜା ଶାସନ କରୁଥିଲେ। ରାଜା ଅତ୍ୟନ୍ତ ଧାର୍ମିକ ଥିଲେ। ଥରେ ସେ ଜଙ୍ଗଲକୁ ଯାଇ ତପସ୍ୟା କରୁଥିବା ସମୟରେ ଏକ ଭାଲୁ ଆସି ତାଙ୍କ ପାଦ ଚୋବାଇବାକୁ ଲାଗିଲା। ମାତ୍ର ରାଜାଙ୍କ ତପସ୍ୟା ଭଙ୍ଗ ହେଲା ନାହିଁ। ଧୀରେ ଧୀରେ ଭାଲୁ ରାଜାଙ୍କ ସମ୍ପୂର୍ଣ୍ଣ ପାଦ ଖାଇ ଦେଲା। ରାଜାଙ୍କୁ ଘୋଷାଡ଼ି ଘୋଷାଡ଼ି ଜଙ୍ଗଲ ଭିତରକୁ ନେଇଗଲା। ରାଜା ତପସ୍ୟା କରୁଥିବା କାରଣରୁ କ୍ରୋଧ ଏବଂ ହିଂସା ନକରି ଭଗବାନ ବିଷ୍ଣୁଙ୍କୁ ଡାକିବାକୁ ଲାଗିଲେ। ରାଜାଙ୍କ ଡାକ ଶୁଣି ଭକ୍ତବତ୍ସଳ ଭଗବାନ ବିଷ୍ଣୁ ପ୍ରକଟ ହୋଇ ସୁଦର୍ଶନ ଚକ୍ର ଦ୍ୱାରା ଭାଲୁର ବଧ କଲେ।

ରାଜାଙ୍କ ସମ୍ପୂର୍ଣ୍ଣ ପାଦ ଭାଲୁ ଖାଇ ଦେଇଥିଲା। ରାଜା ଶୋକାତୁର ହୋଇପଡ଼ିଲେ। ଏହାଦେଖି ଭଗବାନ ବିଷ୍ଣୁ କହିଲେ, ହେ ବତ୍ସ ! ଶୋକ କରନାହିଁ। ତୁମେ ମଥୁରା ଯାଇ ସେଠାରେ ବରୁଥିନି ଏକାଦଶୀ ବ୍ରତ ରଖ। ମୋର ବରାହ ଅବତାରକୁ ପୂଜା କର। ଏହାର ପ୍ରଭାବରେ ପୁଣିଥରେ ସୁଦୃଢ଼ ଅଙ୍ଗ ପ୍ରାପ୍ତ କରିବ। ତୁମ ପୂର୍ବ ଜନ୍ମର ଅପରାଧ ପାଇଁ ଭାଲୁ ତୁମ ପାଦ ଚୋବାଇ ଦେଇଛି। ଭଗବାନଙ୍କ ଆଜ୍ଞା ପ୍ରାପ୍ତ କରି ରାଜା ମଥୁରା ଯାଇ ଶ୍ରଦ୍ଧା ପୂର୍ବକ ବରୁଥିନି ଏକାଦଶୀ ବ୍ରତ କଲେ। ଏହାର ପ୍ରଭାବରେ ସେ ପୁଣି ଥରେ ସମ୍ପୂର୍ଣ୍ଣ ଏବଂ ସୁନ୍ଦର ଅଙ୍ଗ ପ୍ରାପ୍ତ କଲେ।

ବୈଶାଖ ମାସ କୃଷ୍ଣପକ୍ଷ ଏକାଦଶୀକୁ ବରୁଥିନି ଏକାଦଶୀ କୁହାଯାଇଥାଏ। ଚଳିତ ମାସ ୨୬ ତାରିଖରେ ଏହି ଏକାଦଶୀ ପଡୁଛି। ଏହି ପବିତ୍ର ଦିବସରେ ଭଗବାନ ମଧୁସୂଦନଙ୍କ ପୂଜା କଲେ ଅଶେଷ ପୂଣ୍ୟ ଏବଂ କଲ୍ୟାଣ ପ୍ରାପ୍ତି ହୋଇଥାଏ। କାମ, କ୍ରୋଧ, ଲୋଭ ଉପରେ ନିୟନ୍ତ୍ରଣ କରିବା ସହ ପାନ, ସୁପାରୀ ଆଦି ଏହି ଦିନରେ ତ୍ୟାଗ କରି ଭଗବାନ ବିଷ୍ଣୁଙ୍କ ବରାହ ଅବତାରର ପୂଜା କଲେ କୋଟି କୋଟି ବର୍ଷର ତପସ୍ୟା ଏବଂ କନ୍ୟାଦାନ ସମାନ ପୂଣ୍ୟ ପ୍ରାପ୍ତି ହୋଇଥାଏ।

# କେନ୍ଦ୍ରା ଳ ରାଜସ୍ୱ ଆୟୁକ୍ତଙ୍କ ରାଜସ୍ୱ ସମୀକ୍ଷା ବୈଠକ



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରା ଳ ରାଜସ୍ୱ ଆୟୁକ୍ତ ସୁରେଶ ଚନ୍ଦ୍ର ଦଳାଇ ଗତ ୧୮ ତାରିଖ ଅପରାହ୍ନରେ ଜିଲ୍ଲା କାର୍ଯ୍ୟାଳୟର ସଦ୍‌ଭାବନା ସଭାଗୃହରେ ଜିଲ୍ଲାର ରାଜସ୍ୱ ଆଦାୟର ସମୀକ୍ଷା କରିଥିଲେ । ଏହି ସମୀକ୍ଷା ବୈଠକରେ ଜିଲ୍ଲାପାଳ ଅମ୍ରିତ ଋତୁରାଜ, ଅତିରିକ୍ତ ଜିଲ୍ଲାପାଳ(ପ୍ରଶାସନ) ପିତାମ୍ବର ସାମଲ, ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ଦୁର୍ଗା ପ୍ରସାଦ ମହାରଣା, ଡେପୁଟି କଲେକ୍ଟର(ରାଜସ୍ୱ) ରାଜେନ୍ଦ୍ର ପ୍ରସାଦ ଆଚାର୍ଯ୍ୟ, କେନ୍ଦ୍ରାପଡା ତହସିଲଦାର ହେମଲତା ବାହାଲିଆ, ଡେରାବିଶ ତହସିଲଦାର ନମିତା ବାରିକ ଏବଂ ଜିଲ୍ଲାର ବିଭିନ୍ନ ତହସିଲର ତହସିଲଦାର ଏବଂ ଅତିରିକ୍ତ ତହସିଲଦାରମାନେ ଯୋଗ ଦେଇଥିଲେ । ପ୍ରାରମ୍ଭରେ କେନ୍ଦ୍ରା ଳ ରାଜସ୍ୱ ଆୟୁକ୍ତ ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ଜନମଙ୍ଗଳକାରୀ ସରକାରୀ ଯୋଜନାଗୁଡିକର ସଫଳ ରୂପାୟନ କରି ପ୍ରଶାସନକୁ ଲୋକାଭିମୁଖୀ କରିବା ସହ ରାଜସ୍ୱ ଆଦାୟ ଉପରେ ଗୁରୁତ୍ୱାରୋପ କରିଥିଲେ । ବୈଠକରେ ଜିଲ୍ଲାର ବିଭିନ୍ନ ତହସିଲର ତହସିଲଦାର ଫଇସଲା ହୋଇନଥିବା ବିଭିନ୍ନ ରାଜସ୍ୱ ମାମଲା, ଜବରଦଖଲ ମାମଲା, ଦାଖଲ ଖାରଜ ମାମଲା, ଓଏଲଆର(୮କ) ମାମଲା, ଓଏଲଆର(୧୯-୧ଗ)ମାମଲା, ଭୂ-ବନ୍ଦୋବସ୍ତ ମାମଲା, ସୀମା ନିର୍ଦ୍ଧାରଣ ଇତ୍ୟାଦି ମାମଲାଗୁଡିକୁ ଆସନ୍ତା ୧୭ତାରିଖ ସୁଦ୍ଧା ଫଇସଲା କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ୫-ଟି ଅଧିନରେ ଉଚ୍ଚ ବିଦ୍ୟାଳୟ ଓ ବିଦ୍ୟାଳୟଗୁଡିକୁ ରୂପାନ୍ତରୀକରଣ ଯୋଜନାରେ ବିଦ୍ୟାଳୟଗୁଡିକ ପାଇଁ ଜମି ବନ୍ଦୋବସ୍ତ କରିବାକୁ ତ୍ୱରିତ ପଦକ୍ଷେପ ନେବାକୁ ଉପସ୍ଥିତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଜିଲ୍ଲାରେ କ୍ଷୁଦ୍ରଲଘୁ ଖଣିଜ ପଦାର୍ଥରୁ ୨୦୨୧-୨୨ ଆର୍ଥିକ ବର୍ଷରେ ୩୨କୋଟି ଟଙ୍କା ରାଜସ୍ୱ ଆଦାୟ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିବା ବେଳେ ମାର୍ଚ୍ଚ ୨୨ତାରିଖ ସୁଦ୍ଧା ୧୮କୋଟି ୬୯ଲକ୍ଷ ୮୭ହଜାର ୮୪୦ ଟଙ୍କା ରାଜସ୍ୱ ଆଦାୟ ହୋଇଛି ବୋଲି ଜିଲ୍ଲା ପ୍ରଶାସନ ପକ୍ଷରୁ ତଥ୍ୟ ଦିଆଯାଇଥିଲା। ଅନଧିକାର ଲଘୁଖଣିଜ ଦ୍ରବ୍ୟ(ବାଲି ଓ ମାଟି)ର ଉ ।ଳନ ଓ ଏହାର ପରିବହନ ରୋକିବା ପାଇଁ ଦୃଢ ପଦକ୍ଷେପ ନେବାକୁ ଉପସ୍ଥିତ ତହସିଲଦାରମାନଙ୍କୁ ରାଜସ୍ୱ ଆୟୁକ୍ତ ଶ୍ରୀ ଦଳାଇ ନିର୍ଦ୍ଦେଶ ଦେଇଥିଲେ। ଏହା ବ୍ୟତୀତ ମୂଲ୍ୟବାନ ସରକାରୀ ଜମିକୁ ସୁରକ୍ଷିତ ରଖିବା ଏବଂ ଏହାର ଅନଧିକାର ଅଧିଗ୍ରହଣକୁ ଉଚ୍ଛେଦ କରିବା ସହ ଏଥିପାଇଁ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ମଧ ସେ ନିର୍ଦ୍ଦେଶ ଦେଇଥିଲେ ।

# ଅବସରପ୍ରାପ୍ତ କଲେଜ୍ ଅଧ୍ୟକ୍ଷଙ୍କ ଘରୁ ଚୋରି

ଧର୍ମଶାଳା (ପିଏନ୍): ଧର୍ମଶାଳା ଥାନା ଅନ୍ତର୍ଗତ ଶାନ୍ତିବଜାର କଲୋନୀରେ ରହୁଥିବା ସାହସପୁର କଲେଜ୍‌ର ଅବସରପ୍ରାପ୍ତ ଅଧ୍ୟକ୍ଷ ଡ. ଚିତରଂଜନ ମହାନ୍ତିଙ୍କ ଘର ଝରକା ତାଡ଼ି ଚୋରମାନେ ଲକ୍ଷାଧିକ ଟଙ୍କା ମୂଲ୍ୟର ଅଳଙ୍କାର, ଦାମି ମୋବାଇଲ୍ ଓ ନଗଦ ଟଙ୍କା ଲୁଟି ନେଇଛନ୍ତି । ଏ ସଂପର୍କରେ ଶ୍ରୀ ମହାନ୍ତି ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ୍ ପହ ି ଘଟଣାର ତଦନ୍ତ ଆରମ୍ଭ କରିଥିଲା । ପ୍ରକାଶ ଯେ, ଶ୍ରୀ ମହାନ୍ତି ତାଙ୍କ ବଡ଼ଭାଉଜଙ୍କ ଦେହାନ୍ତ ହେବାରୁ ସଂସ୍କାର ପାଇଁ ପୁରୀ ସ୍ୱର୍ଗଦ୍ୱାର ଯାଇଥିଲେ । ଘରେ ତାଙ୍କ ପୁଅ, ବୋହୂ, ନାତି ଓ ସମୁଦୁଣୀ ଥିଲେ । ଅନ୍ୟ ରୁମ୍‌ରେ ପରିବାର ଲୋକେ ଶୋଇ ଯାଇଥିଲେ । ରାତି ପ୍ରାୟ ୨ଟାରେ ଚୋରମାନେ ଶ୍ରୀ ମହାନ୍ତିଙ୍କ ଘରପଛ ପାର୍ଶ୍ୱ ଝରକା ଗ୍ରିଲ୍ ତାଡ଼ି ତାଙ୍କ ରୁମ୍‌ରେ ପ୍ରବେଶ କରିଛନ୍ତି । ଉକ୍ତ ରୁମ୍‌ର ଷ୍ଟିଲ୍ ଆଲମିରାରେ ଥିବା ଦେଢ଼ ଲକ୍ଷ ଟଙ୍କା ମୂଲ୍ୟର ଏକ ହୀରାମୁଦି, ୨ଟି ସୁନା ଚେନ୍, ୩ଟା ସୁନାମୁଦି, ଗୋଟିଏ ଆଇଫୋନ୍, ୩ଟି ମୋବାଇଲ୍ ଓ ୪୦ହଜାର ଟଙ୍କା ଚୋରମାନେ ଲୁଟି ନେଇଥିବା ଏତଲାରେ ଦର୍ଶାଯାଇଛି । ଏସବୁର ମୂଲ୍ୟ ୭ଲକ୍ଷ ଟଙ୍କାରୁ ଅଧିକ ହେବ ବୋଲି ଆକଳନ କରାଯାଇଛି । ଚୋରମାନେ ଉକ୍ତ ରୁମ୍‌ର ଭିତର ପଟୁ କବାଟ ବନ୍ଦ କରି ଦେଇଥିବାବେଳେ ଘରେ ଫିଙ୍ଗା ଫୋପଡ଼ା କରିଛନ୍ତି । ଏଥିସହ ଝରକାରେ ଏକ ଲୁହା କ ।ରେ ଇଂରାଜୀ ଅକ୍ଷରରେ କିଛି ଲେଖି ତାକୁ କାଟି ଦେଇଥିବା ବେଳେ ସିଗାରେଟ୍ ଟାଣି ଫିଙ୍ଗିଛନ୍ତି । ଶ୍ରୀ ମହାନ୍ତି ଭୋରରୁ ପୁରୀରୁ ଫେରି ତାଙ୍କ ଘରୁ ଚୋରି ହୋଇଥିବା ଜାଣିବାକୁ ପାଇଥିଲେ । ରାତି ୧.୫୨ରୁ ୨.୪୦ ମଧ୍ୟରେ ୩ଜଣ ଦୁର୍ବୃତ ଏହି ଲୁଟ୍‌ପାଟ୍ କରିଥିବା ଶ୍ରୀ ମହାନ୍ତିଙ୍କ ଘରେ ଲାଗିଥିବା ସିସି କ୍ୟାମେରା ଫୁଟେଜ୍‌ରୁ ଜଣାପଡ଼ିଛି । ସେହିପରି ସମାନ ଢଙ୍ଗରେ ପଡୋଶୀ ବାସନ୍ତୀ ମଲ୍ଲିକଙ୍କ ଝରକା ଗ୍ରିଲ୍ ତାଡ଼ି ଚୋରମାନେ ତାଙ୍କ ଘରେ ପ୍ରବେଶ କରିଥିଲେ । ତାଙ୍କ ଘରେ କେହି ନଥିବା ବେଳେ କୌଣସି ମୂଲ୍ୟବାନ ସାମଗ୍ରୀ ନଥିବାରୁ ଚୋରମାନେ ଫିଙ୍ଗାଫୋପଡ଼ା କରି ଫେରି ଯାଇଥିବା ଜଣାପଡ଼ିଛି । ସନ୍ଧାନୀ କୁକୁର ଓ ସାଇ ିଫିକ୍ ଟିମ୍ ଆଣି ଘଟଣାର ଅଧିକ ତଦନ୍ତ କରାଯିବାର ପୁଲିସ୍ ସୂଚନା ଦେଇଥିଲେ । ଏହିପରି ଭାବେ ଜାରକା ଅ ଳରେ ଘରେ କେହି ନଥିଲେ ଝରକା ଗ୍ରିଲ୍ ତାଡ଼ି ଉକ୍ତ ଚୋରଦଳ ବାରମ୍ବାର ଲୁଟ୍‌ପାଟ୍ କରୁଥିଲେ ହେଁ, ପୁଲିସ୍ ସେମାନଙ୍କୁ ଗିରଫ କରିବାରେ ସକ୍ଷମ ହୋଇପାରୁନାହିଁ । ଯାଜପୁର ଏସ୍‌ପି ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଅ ଳବାସୀ ଦାବି କରିଛନ୍ତି।

# ଶ୍ରୀମନ୍ଦିର ରୋଷଘର ଚୁଲିଭଙ୍ଗା ସରକାରୀ ପ୍ରାୟୋଜିତ : କଂଗ୍ରେସ

ଭୁବନେଶ୍ୱର (ପିଏନ୍)- ଶ୍ରୀମନ୍ଦିର ରୋଷଘର ଚୁଲିଭଙ୍ଗା ସରକାରୀ ପ୍ରୟୋଜିତ କହିଲା କଂଗ୍ରେସ। ଏଭଳି ସଂଗୀନ ଅଭିଯୋଗ ଆଣିଛନ୍ତି କଂଗ୍ରେସ ମୁଖପାତ୍ର ନିଶିକାନ୍ତ ମିଶ୍ର। ପରିକ୍ରମା ପ୍ରକଳ୍ପ ବିବାଦରୁ ନଜର ହଟାଇବାକୁ ଚୁଲି ଭଙ୍ଗାଯାଇଛି। ଏହି ବିବାଦକୁ ଏଡ଼ାଇବାକୁ ଚୁଲି ଭଙ୍ଗାଯାଇଛି। ଖନନ ନେଇ ଶାସକ ଦଳ ଲୋକସଭାରୁ ବିଧାନସଭା ଯାଏ ଅଡୁଆରେ ପଡ଼ିଛି ବୋଲି ଶ୍ରୀ ମିଶ୍ର କହିଛନ୍ତି। ସେ ଆହୁରି କହିଛନ୍ତି ଯେ ପୋଲିସ ଡିଜି ଓ ମୁଖ୍ୟ ପ୍ରଶାସକ, ଯେଉଁଭଳି ଭାବେ ଶ୍ରୀମନ୍ଦିର ଗସ୍ତ କରିଥିଲେ ସେହି ତତ୍ପରତା ଦେଖାଇ ରୋଷଘରର ରକ୍ଷଣାବେକ୍ଷଣ ଦାୟିତ୍ୱ ଯଦି ନେଇଥାନ୍ତେ, ତେବେ ଏଭଳି ଘଟଣା ଘଟିନଥାନ୍ତା। ପୋଲିସ ଡିଜିଙ୍କ ଗସ୍ତ କେବଳ ଲୋକଦେଖାଣିଆ। ସରକାର ଏଥିପ୍ରତି ଉଦାସୀନ। ଏହି ପ୍ରସଙ୍ଗକୁ ଯେଉଁ ଭଳି ଭାବେ ଗମ୍ଭୀରତାର ସହ ନେବା କଥା, ତାକୁ ନେଇନାହାନ୍ତି। ଚୋର ଚୋରିକରି ଧନ ନେବାପରେ ଖୋଜିବା ଯାହା, ପୋଲିସ ଖୋଜିବା ସହ ତାହା ସମାନ। ସେ କହିଛନ୍ତି ଯେ ଜଗନ୍ନାଥ ହେରିଟେଜ୍ କରିଡ଼ର ଖନନ ବାବଦରେ ରାଜ୍ୟ ସରକାର ନିନ୍ଦିତ ହୋଇଛନ୍ତି। ବିଧାନସଭାଠୁ ସଂସଦ ଯାଏ ଅପଦସ୍ତ ହୋଇଛନ୍ତି। ବିଧାନସଭାରେ ଭୁଲ ଉତର ରଖିଛନ୍ତି ରାଜ୍ୟ ସରକାର। ତାଙ୍କର ସାଂସଦ ମଧ୍ୟ ଲୋକସଭାରେ ଭୁଲ ଉତର ରଖିଛନ୍ତି। ସାରା ରାଜ୍ୟରେ ସରକାରୀ ବାବୁ, ସରକାରୀ ସାଂସଦ, ବିଧାୟକ ଓ ସରକାର ଜନମାନସରେ ନିନ୍ଦିତ ହେଲେ। ଏପରିକି ଜଣେ ସରକାରୀ ଦଳର ସାଂସଦ ଲୋକସଭାରେ ବିବୃତି ଦେବାପରେ ବାହାରେ ଗଣମାଧ୍ୟମରେ ନିଜର ସଫେଇ ରଖିଲେ। ସେଥିପାଇଁ ପରିକ୍ରମା ପ୍ରକଳ୍ପ ବିବାଦରୁ ନଜର ହଟାଇବାକୁ ଚୁଲି ଭଙ୍ଗାଯାଇଛି।

# ବାଳିକା ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର

ଖୋର୍ଦ୍ଧା (ପିଏନ)- ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ପରାମର୍ଶ କ୍ରମେ ସ୍ଥାନୀୟ ପରମାନନ୍ଦ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପକ୍ଷରୁ ଏକାଦଶ ଶ୍ରେଣୀର ଛାତ୍ରୀମାନଙ୍କ ପାଇଁ ଏକ ୮ ଦିନିଆ ଆତ୍ମରକ୍ଷା ଶିକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ ହୋଇଯାଇଛି। ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ବାଲେଶ୍ୱର ଫକୀରମୋହନ ବିଶ୍ୱ ବିଦ୍ୟାଳୟ ପରିବେଶ ବିଜ୍ଞାନ ବିଭାଗର ପ୍ରାକ୍ତନ ବିଭାଗୀୟ ମୁଖ୍ୟ ପ୍ରଫେସର ଡ଼ଃ ସୁନନ୍ଦ ଚନ୍ଦ୍ର ପ୍ରଧାନ ମୁଖ୍ୟ ଅତିଥି ଭାବେ ଉଦ୍‌ଘାଟନ କରିଥିଲେ। କଲେଜ ଅଧକ୍ଷ ପ୍ରଫେସର ରବୀନ୍ଦ୍ରନାଥ ପାଣିଗ୍ରାହୀଙ୍କ ପୌରୋହିତ୍ୟରେ ଆୟୋଜିତ ଶିବିରରେ ସୁଲେଖିକା ତଥା ଶିକ୍ଷୟିତ୍ରୀ ଉଷା ମିଶ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇ ବାଳିକା ମାନେ ଆତ୍ମବିଶ୍ୱାସ ଓ ନିର୍ଭୟର ସହ କାର୍ଯ୍ୟକଲେ ବାହ୍ୟ ଓ ଆଭ୍ୟନ୍ତରିଣ ପ୍ରତିବନ୍ଧକକୁ ମୁକାବିଲା କରିପାରିବେ ବୋଲି ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମ ସଂଯୋଜିକା ପ୍ରାଧାପିକା ରମାରାଣୀ ସିକ୍‌ଦାର ପ୍ରଶିକ୍ଷଣ ସମ୍ବନ୍ଧୀୟ ସୂଚନା ଦେବାସହ ନାରୀ ସଶକ୍ତ ହେଲେ ଦେଶ ସମୃଦ୍ଧ ହେବ ବୋଲି ମତ ଦେଇଥିଲେ। ଏଥିରେ ପ୍ରଶିକ୍ଷିକା ପୁଷ୍ପାଳି ବଳିୟାରସିଂହ ଓ ରିତା ପଶ୍ଚିମକବାଟ ପ୍ରଶିକ୍ଷାର୍ଥୀମାନଙ୍କୁ ଆତ୍ମରକ୍ଷା ସମ୍ବନ୍ଧୀୟ ବିଭିନ୍ନ କଳା ଓ କୌଶଳ ଶିକ୍ଷା ଦେଇଥିଲେ। କାର୍ଯ୍ୟକ୍ରମରେ ପ୍ରାଧାପକ ହେମନ୍ତ ମହାପାତ୍ର, ପ୍ରାଧାପିକା ଡ଼ଃ ସଂଯୁକ୍ତା ମିଶ୍ର, ଅଧାପିକା ଗାୟତ୍ରୀ ପଟ୍ଟନାୟକ, ଛବିରାଣୀ ସାହୁ, ଲିପିକା ପ୍ରିୟଦର୍ଶିନୀ ଓ କ୍ରୀଡ଼ା ଶିକ୍ଷକ ଭ କିଶୋର ଯତି ପ୍ରମୁଖ ଯୋଗଦେଇଥିଲେ। ଶେଷରେ ଅଧାପିକା ଜୟପ୍ରଦା ମହାପାତ୍ର ଧନ୍ୟବାଦ ଦେଇଥିଲେ।

# ନୀଳଗିରିରେ ସାମ୍ବାଦିକଙ୍କୁ ଆକ୍ରମଣର ନିନ୍ଦା, ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

ଯାଜପୁର (ପିଏନ୍) : ବାଲେଶ୍ୱର ଜିଲ୍ଲା ନୀଳଗିରି ଅ ଳର ଜଣେ କାର୍ଯ୍ୟରତ ସାମ୍ବାଦିକ ଲୋକନାଥ ଦଳେଇଙ୍କ ପ୍ରତି ପୋଲିସର ଅମାନୁଷିକ କାର୍ଯ୍ୟାନୁଷ୍ଠାନକୁ ବିରୋଧ କରି ଉତ୍କଳ ସାମ୍ବାଦିକ ସଂଘ ଯାଜପୁର ଶାଖା ପକ୍ଷରୁ ଉକ୍ତ ଘଟଣାକୁ ନିନ୍ଦା କରାଯାଇଛି। ଏଥିନେଇ ଯାଜପୁର ଜିଲ୍ଲାର ଅତିରିକ୍ତ ଜିଲ୍ଲାପାଳ ଅକ୍ଷୟ କୁମାର ମଲିକଙ୍କ ଜରିଆରେ ନ୍ୟାୟ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ସାମ୍ବାଦିକ ଦଳେଇଙ୍କୁ ପୋଲିସର ମାଡ଼ ସହିତ ଚିକିତ୍ସା ସମୟରେ ତାଙ୍କ ଗୋଡ଼ରେ ବେଡ଼ି ପକାଇ ଅମାନୁଷିକ ଭାବେ ନିର୍ଯ୍ୟାତନା ଦେବା ଘଟଣାକୁ ବିରୋଧ କରି ସାମ୍ବାଦିକ ସୁରକ୍ଷା ଆଇନ ତୁରନ୍ତ ପ୍ରଣୟନ କରିବାକୁ ଦାବି କରିଛନ୍ତି। ସଂଘ ସଭାପତିର ହରିହର ସ୍ୱାଇଁ ନେତୃତ୍ୱରେ ଉପ ସଭାପତି ବାଞ୍ଛାନିଧି ସାହୁ, କାର୍ଯ୍ୟକାରି ସଭାପତି ଅଭିମନ୍ୟୁ ମିଶ୍ର, ରାଜ୍ୟ କାର୍ଯ୍ୟ କାରି ସଭାପତି ହାରାଧନ ବାନାର୍ଜି, ଜିଲ୍ଲା ଶାଖା ସାଧାରଣ ସମ୍ପାଦକ ରବିନାରାୟଣ କର, ପ୍ରଶାନ୍ତ କୁମାର ପାତ୍ର, ଦିବ୍ୟ କାନ୍ତ କର, ପଦ୍ମନାଭ ବୋଇତେଇ, ପବିତ୍ର ମହାନ୍ତି, ନିତ୍ୟାନନ୍ଦ ମହାଳିକ, ମନୋଜ କୁମାର ରଣା, ଜୟନ୍ତ ଗୋସ୍ୱାମୀ, କୃଷ୍ଣଚନ୍ଦ୍ର ନାଏକ, ସତ୍ୟବ୍ରତ ନାଏକ, ଭରତ ନାଏକ, ଅଜୟ ଭୂଇଁଆ, ରାଜକିଶୋର ପଣ୍ଡା, ବିଦ୍ୟାଧର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ରାଷ୍ଟ୍ରୀୟ ବାଲ୍ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ମାଧ୍ୟମରେ ନବଜାତ ଶିଶୁମାନଙ୍କ ଚକ୍ଷୁ ପରୀକ୍ଷା



କେନ୍ଦୁଝର (ପିଏନ୍):ଜାତୀୟ ସ୍ୱାସ୍ଥ୍ୟ ମିଶନ ଅନ୍ତର୍ଗତ ରାଷ୍ଟ୍ରୀୟ ବାଲ୍ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ (ଆର୍.ବି.ଏସ୍.କେ) ଏବଂ ଭୁବନେଶ୍ୱରର ଥିବା ଏଲ୍.ଭି ପ୍ରସାଦ ଚକ୍ଷୁ ଚିକିତ୍ସାଳୟ ସହଯୋଗରେ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଥିବା ଏସ୍‌ଏନ୍‌ସିୟୁରେ ଗତ ୮ ତାରିଖ ଦିନ କେନ୍ଦୁଝର ଜିଲ୍ଲାର ବିଭିନ୍ନ ବ୍ଲକ୍ ସମେତ ମୟୁରଭଂଜ ଏବଂ ଯାଜପୁର ଜିଲ୍ଲାରୁ ଆସିଥିବା ୨୯ ଜଣ ନବଜାତ ଶିଶୁମାନଙ୍କୁ ବିନା ମୂଲ୍ୟରେ ଏଲ୍.ଭି. ପ୍ରସାଦ୍ ଚକ୍ଷୁ ଚିକିତ୍ସାଳୟରୁ ଆସିଥିବା ଚକ୍ଷୁ ବିଶେଷଜ୍ଞଙ୍କ ଦ୍ୱାରା ଚକ୍ଷୁ ପରୀକ୍ଷା ସମ୍ପାଦନ କରାଯାଇଛି । ଉକ୍ତ ଚକ୍ଷୁ ପରୀକ୍ଷା ଦ୍ୱାରା ଶିଶୁମାନଙ୍କଠରେ ମିଳିଥିବା ଚକ୍ଷୁଜନିତ ସମସ୍ୟାର ଉତମ ଚିକିତ୍ସା ପାଇଁ ଭୁବନେଶ୍ୱର ସ୍ଥିତ ଏଲ୍.ଭି. ପ୍ରସାଦ ଚିକିତ୍ସାଳୟକୁ ରାଷ୍ଟ୍ରୀୟ ବାଲ୍ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ମାଧ୍ୟମରେ ପଠାଯାଇ ତାଙ୍କୁ ବିନା ମୂଲ୍ୟରେ ଚିକିତ୍ସା ଯୋଗାଇଦିଆଯିବ ଏବଂ ଏହିପରି ଚକ୍ଷୁ ପରୀକ୍ଷା କାର୍ଯ୍ୟକ୍ରମ ଆଗାମୀ ଦିନରେ ମଧ୍ୟ ଅନୁଷ୍ଠିତ ହେବ ବୋଲି ବରିଷ୍ଠ ଶିଶୁ ରୋଗ ବିଶେଷଜ୍ଞ ଡାକ୍ତର କିଶୋର କୁମାର ପୃଷ୍ଟି କହିଥିଲେ । ଏହି କାର୍ଯ୍ୟକ୍ରମକୁ ଆର୍.ବି.ଏସ୍.କେ. ମ୍ୟାନେଜର ବିଜନ କୁମାର ସାହୁ ପରିଚାଳନା କରିବା ସହିତ ଡିଆଇଇସି. ଏବଂ ଏସ୍‌ଏନ୍‌ସିୟୁର କର୍ମଚାରୀ ଉପସ୍ଥିତ ରହି ଚକ୍ଷୁ ପରୀକ୍ଷାରେ ସହଯୋଗ କରିଥିଲେ ।


## DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs.8,000/-(One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS/ASTROLOGERS/VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Pragyan Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication




# ଆନ୍ଦୋଳନର ଡାକରା ଦେବାରୁ ଶାସନ ବ୍ୟବସ୍ଥାର ନାଲି ଆଖି

ରାଉରକେଲା, (ପିଏନ)- ରାଉରକେଲା ଶିଶୁ ବିକାଶ ଯୋଜନା ଅଧିନରେ କାର୍ଯ୍ୟରତ ଅଙ୍ଗନବାଡି କର୍ମୀ ମାନଙ୍କ ଭିତରୁ କାର୍ଯ୍ୟରେ ଅବହେଳା ଅଭିଯୋଗରେ ସେ ସମୟର ଉପଜିଲ୍ଲାପାଳ ଓ ବର୍ତ୍ତମାନର ସୁନ୍ଦରଗଡ ଏଡିଏମ ୪ ଜଣ ଅଙ୍ଗନବାଡି କର୍ମଚାରୀଙ୍କୁ କାର୍ଯ୍ୟରୁ ବହିଷ୍କାର କରିବାର ୨୦ ମାସ ବିତିଲାଣି । ସମ୍ପୃକ୍ତ ୪ ଜଣ ଅଙ୍ଗନବାଡି କର୍ମଚାରୀ ନ୍ୟାୟ ଭିକ୍ଷା କରିବାକୁ ଯାଇ ସୁନ୍ଦରଗଡ ଜିଲ୍ଲାପାଳଙ୍କ ଅଫିସ ଠାରୁ ଆରମ୍ଭକରି ସୁନ୍ଦରଗଡ ଏଡିଏମ, ରାଉରକେଲା ଏଡିଏମଙ୍କ ଅଫିସକୁ ଦଉଡି ଦଉଡି ନ୍ୟାୟ ନପାଇ ଆଗାମୀ ୨୭ ତାରିଖ କିମ୍ବା ନଭେମ୍ବର ୩ ତାରିଖରୁ ଆନ୍ଦୋଳନକୁ ଓହ୍ଲାଇବାକୁ ନିଷ୍ପତି ନେବା ସହ ଏନେଇ ଜିଲ୍ଲା ପ୍ରଶାସନକୁ ଜଣାଇବା ପରେ ଜିଲ୍ଲା ପ୍ରଶାସନ ସେମାନଙ୍କୁ ଆନ୍ଦୋଳନରୁ ନିବୃତ ରହିବାକୁ ନାଲିଆଖି ଦେଖାଇଥିବାର ଅଭିଯୋଗ ହୋଇଛି । ଖବରରୁ ଜଣାପଡିଛି ଯେ, ଏକ ଆନ୍ଦୋଳନରେ ସାମିଲ ହେବା, କାର୍ଯ୍ୟରେ ଅବହେଳା ନେଇ ୨୦୧୯ ମସିହାରେ ମାନସି ଦାସ, ସାବିତ୍ରୀ ରଣା, ବାସନ୍ତୀ ସେଠୀ, ଅଞ୍ଜଳି ପଟେଲ ନାମକ ୪ ଜଣ ମହିଳା କର୍ମୀଙ୍କୁ ସେ ସମୟର ପାନପୋଷ ଉପଜିଲ୍ଲାପାଳ ଚାକିରୀରୁ ବହିଷ୍କାର କରିଥିଲେ ।୧୧-୧-୨୦୧୯ରୁ ଏମାନଙ୍କୁ ବହିଷ୍କାର କରାଜିବା ପରେ ଏମାନେ ନ୍ୟାୟ ପାଇବା ଲାଗି ବାରମ୍ବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଦ୍ୱାରସ୍ଥ ହୋଇଥିଲେ ।ପରେ ସେମାନେ ଅନ୍ୟାନ୍ୟ ଅଧିକାରୀ ମାନଙ୍କ ପାଖକୁ ମଧ୍ୟ ଯାଇଥିଲେ, ମାତ୍ର ସେମାନଙ୍କର ସମସ୍ୟାକୁ ସମାଧାନ ଆଜିଯାଏ କରାଗଲା ନାହିଁ । ତେବେ ରାଜ୍ୟ ସ୍ତରରେ ଏନେଇ ନିଷ୍ପତି ହେବାପରେ ଜିଲ୍ଲାର ଅଙ୍ଗନବାଡି କର୍ମୀ ସଂଗଠନ ପକ୍ଷରୁ ଆନ୍ଦୋଳନ ଲାଗି ନୋଟିସ୍ ଦେବାପରେ ରାଉରକେଲା ଆଇସିଡିଏସ ଅଧିକାରୀ ତାଙ୍କ ଚିଠିରେ ରାଉରକେଲାର କର୍ମୀ ମାନଙ୍କୁ ଆନ୍ଦୋଳନରୁ ନିବୃତ ରହିବାକୁ କହିବା ସହ ବହିଷ୍କୃତ କର୍ମୀ ମାନଙ୍କ ସହ ଆନ୍ଦୋଳନକୁ ଗଲେ କଠୋର କାର୍ଯ୍ୟାନୁଷ୍ଠାନ ନିଆଜିବ ବୋଲି କହିଥିବା ଅଭିଯୋଗ ହୋଇଛି । ଏହି ଖବର ଆସିବା ପରେ ଏହା ଗଣତନ୍ତ୍ରର କେଉଁ ନୀତି ବୋଲି ଏବେ ସାଧାରଣରେ ଆଲୋଚନା ହେଉଛି । ଗଣତନ୍ତ୍ରରେ ସମସ୍ତଙ୍କର ନୀରବତା ଓ ଶାନ୍ତିଶୃଙ୍ଖଳାର ସହ ଆନ୍ଦୋଳନ କରିବାର ଅଧିକାର ରହିଛି, କିନ୍ତୁ ଏଭଳି ନିର୍ଦ୍ଦେଶନାମା ବିଭିନ୍ନ ମହଲକୁ ଆଶ୍ଚର୍ଯ୍ୟ କରିଛି । ସମସ୍ତଙ୍କ ମୁହଁରେ ଗୋଟିଏ କଥା ଏ କି ପ୍ରକାର ଶାସନ ? ଅନ୍ୟପକ୍ଷରେ ଏହି ଅଙ୍ଗନବାଡି ସଂଗଠନ ବିଏମଏସ ସମର୍ଥରେ ରହିଥିବା ବେଳେ ବିଏମଏସର ଜିଲ୍ଲାସ୍ତରର କୌଣସି ନେତା ମଧ୍ୟ ଏନେଇ ମୁହଁ ନଖୋଲିବା ସଂଗଠନର ଦଳୀୟ ଏକତା ଉପରେ ଲାଗାଇଛି ବଡ ପ୍ରଶ୍ନବାଚୀ ।

ଏନେଇ ବିଜେପିର ରାଜ୍ୟ ମୁଖପାତ୍ର ଧୀରେନ ସେନାପତିଙ୍କୁ ଯୋଗାଯୋଗ କରାଜିବାରୁ ସେ କହିଲେ , ଏମାନେ ପଲିଟିକାଲ ଆକ୍ରୋଶର ଶୀକାର ହୋଇଛନ୍ତି । ସେମାନେ ଦଳ ସହ ସିଧା ସଳଖ ସମ୍ପୃକ୍ତ ନୁହନ୍ତି, ବିଏମଏସ ସହ ସେମାନେ ରହିଛନ୍ତି, ମୁଖ୍ୟମନ୍ତ୍ରୀ ସବୁ ବେଳେ ମହିଳାଙ୍କ କଥା କହିବା ସହ ସେମାନଙ୍କ ସୁରକ୍ଷା କଥା କହୁଛନ୍ତି , କିନ୍ତୁ ୨୦ ବର୍ଷ ଚାକିରୀ କଲାପରେ ଜଣେ ମହିଳାଙ୍କୁ କୌଣସି ଠୋସ୍ ପ୍ରମାଣ ନଥାଇ ବହିଷ୍କାର କରିଦେବା ତାହା କିଭଳି ନ୍ୟାୟ ବୋଲି ଶ୍ରୀ ସେନାପତି ପ୍ରଶ୍ନ କରିଛନ୍ତି । ଯଦି ଏନେଇ ଆଇସିଡିଏସ ଏଭଳି କିଛି କହିଛି ତେବେ ବିଜେପି ପ୍ରତିନିଧି ଦଳ ତାଙ୍କୁ ଭେଟିବ ବୋଲି ସେ ପ୍ରକାଶ କରିଛନ୍ତି । ସର୍ବୋପରି ଗଣତନ୍ତ୍ରରେ ସମସ୍ତଙ୍କର ଅଧିକାର ରହିଛି ନିଜର ସମସ୍ୟାର ସମାଧାନ କରିବାକୁ ସେମାନେ ଆଗକୁ ଆସିପାରିବେ, ସେମାନଙ୍କୁ ନାଲି ଆଖି ଦେଖାଇବା ଠିକ୍ ନୁହେଁ ।

ସେହିଭଳି ବିଜେପି ନେତା ନିହାର ରାୟ କହିଛନ୍ତି, ନିଜର ହକ୍ ମାଗିବାକୁ ଗଲେ ଏଭଳି କଥା ଯଦି କୁହାଜିବ ତେବେ ତାହା ଦୁର୍ଭାଗ୍ୟଜନକ କଥା, ଯଦି ସେମାନେ ଆନ୍ଦୋଳନକୁ ଜିବେ ତାଙ୍କୁ ବିଜେପି ତରଫରୁ ସମସ୍ତ ପ୍ରକାର ସହଯୋଗ କରାଜିବ ବୋଲି ସେ ପ୍ରକାଶ କରିଛନ୍ତି ।

# ଡଃ.ଶ୍ରୀଧର ସାମଲଙ୍କ କବିତା ସଙ୍କଳନ ପୁସ୍ତକ ନିଃଶବ୍ଦ ଆଳାପ ଲୋକାର୍ପିତ

କେନ୍ଦ୍ରାପଡା,(ପିଏନ)- କେନ୍ଦ୍ରାପଡା ସ୍ୱୟଂ ଶାସିତ ମହାବିଦ୍ୟାଳୟର ପ୍ରାଧ୍ୟାପକ ଡଃ.ଶ୍ରୀଧର ସାମଲଙ୍କ ଦ୍ୱାରା ରଚିତ ପୁସ୍ତକ "ନିଃଶବ୍ଦ ଆଳାପ"କୁ ଶୁକ୍ରବାର ସ୍ଥାନୀୟ ଭାରତୀ ବିଦ୍ୟା ମନ୍ଦିର ପରିସରରେ ଅନୁଷ୍ଠିତ ଉତ୍ସବରେ ଲୋକାର୍ପଣ କରାଯାଇଛି । ଏହି ଉପଲକ୍ଷେ ଅବସରପ୍ରାପ୍ତ ପ୍ରାଧ୍ୟାପକ ମୋହନ ଚରଣ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଭୁବନେଶ୍ୱରର ବନଫୁଲ ପ୍ରକାଶନୀ ଦ୍ୱାରା ପ୍ରକାଶିତ ପୁସ୍ତକ ଲୋକାର୍ପଣ ଉତ୍ସବରେ କେନ୍ଦ୍ରାପଡା ସ୍ୱୟଂ ଶାସିତ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରାଧ୍ୟାପକ ଡଃ.ରାଜେନ୍ଦ୍ର ପ୍ରସାଦ ତ୍ରିପାଠୀ, ପ୍ରାଧ୍ୟାପକ ନନ୍ଦ କିଶୋର ପରିଡା, ଓଡିଶା ସାହିତ୍ୟ ଏକାଡେମୀର ସଦସ୍ୟ ସରୋଜ କୁମାର ମହାନ୍ତି, ସାହିତ୍ୟିକ ଡଃ.ବାସୁଦେବ ଦାସ, ପ୍ରାଧ୍ୟାପକ ତପନ କୁମାର ପତି ପ୍ରମୁଖ ଯୋଗଦେଇ କବି ଡଃ.ସାମଲଙ୍କ ରଚିତ କବିତା ସଙ୍କଳନ ପୁସ୍ତକ "ନିଃଶବ୍ଦ ଆଳାପ"କୁ ଲୋକାର୍ପିତ କରିଥିଲେ । ପୁସ୍ତକ ରଚୟିତା ଡଃ.ସାମଲ ଏକାଧାରରେ ଜଣେ କବି, ପ୍ରାବନ୍ଧିକ,ସୁବକ୍ତା ଓ ପ୍ରକୃତିପ୍ରିୟ ମଣିଷ । ବିଶ୍ୱ ବିଖ୍ୟାତ ପର୍ଯ୍ୟଟନକ୍ଷେତ୍ର ଭିତରକନିକା ଉପରେ ନିବନ୍ଧ ରଚନା କରିବା ସହ ଆକାଶବାଣୀ,କଟକ କେନ୍ଦ୍ରରେ ସୁବକ୍ତା ଭାବରେ ତାଙ୍କର ଉପଲବ୍ଧି ସବୁଠି ରହିଛି । ତାଙ୍କର ଅନେକ ନିବନ୍ଧ ଜାତୀୟ ଓ ଅନ୍ତର୍ଯ୍ୟାତୀୟ ପତ୍ରପତ୍ରିକାରେ ପ୍ରକାଶ ପାଇ ବିପୁଳ ପାଉଠକୀୟତା ଅର୍ଜ୍ଜନ କରିଛି । ଡଃ.ସାମଲ ଅଧୁନା କେନ୍ଦ୍ରାପଡା ସ୍ୱୟଂ ଶାସିତ ମହାବିଦ୍ୟାଳୟର ଭୁଗୋଳ ବିଭାଗର ପ୍ରାଧ୍ୟାପକ ତଥା ବିଭାଗୀୟ ମୁଖ୍ୟ ଭାବେ କାର୍ଯ୍ୟରତ ଓ ଇନ୍ଦିରାଗାନ୍ଧୀ ଜାତୀୟ ମୁକ୍ତ ବିଶ୍ୱ ବିଦ୍ୟାଳୟ(ଇଗ୍ନୋ), ନୂଆଦିଲ୍ଲୀର ସଂଯୋଜକ ଏବଂ ଓଡିଶା ସରକାରଙ୍କ ବାଳିକା ଆତ୍ମ ସୁରକ୍ଷା କାର୍ଯ୍ୟକ୍ରମର ଜିଲ୍ଲା ସଂଯୋଜକ ଅଛନ୍ତି । ତାଙ୍କର ଏହି ଭିନ୍ନ ସ୍ୱାଦର କବିତା ସଙ୍କଳନଟି ପାଠକ ମହଲରେ ବିଶେଷ ଆଦୃତ ହେବ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଏହି ଉତ୍ସବରେ କେନ୍ଦ୍ରାପଡା ସ୍ୱୟଂ ଶାସିତ ମହାବିଦ୍ୟାଳୟର ଉପାଧ୍ୟକ୍ଷ ପ୍ରଫେସର ଗୋପାଳ ଚନ୍ଦ୍ର ବେହେରା, ମାର୍ଶାଘାଇ ମହାବିଦ୍ୟାଳୟର ଅଧ୍ୟକ୍ଷ ଡଃ. ଅମୀୟ ଜେନା, ପ୍ରାଧ୍ୟାପକ ଜତୀନ୍ଦ୍ର କୁମାର ରାଉତ, ତ୍ରିଲୋଚନ ପ୍ରଧାନ, କବି ପ୍ରେମାନନ୍ଦ ଖଣ୍ଡୁଆଳ, ବୃନ୍ଦାବନ ଦାସ, ନଳିନୀ ବେହେରା, କ୍ରୀଡା ଶିକ୍ଷକ ଜ୍ୟୋତିର୍ମୟ ଦାସ ପ୍ରମୁଖ ବହୁ ସାହିତ୍ୟପ୍ରେମୀ ଓ ବିଶିଷ୍ଟବ୍ୟକ୍ତିମାନେ ଉପସ୍ଥିତ ଥିଲେ ।

# ଜୀବନ କୌଶଳ ଶିକ୍ଷା ମାଧ୍ୟମରେ ରକ୍ତହୀନତା ଦୂର ନିମନ୍ତେ ପ୍ରୟାସ

କନ୍ଧମାଳ,(ପିଏନ)- କନ୍ଧମାଳ ଜିଲ୍ଲାର ଅପହଂଚ ଇଲାକା ବାଲନ୍ଦାପଡା, ଲୁଇସିଙ୍ଗି, କୁଏରମାଣ୍ଡୁ ଓ ପାହିରାଜୁ ଅଂଚଳର ୪୦ ଜଣ କିଶୋରୀ ବାଳିକାଙ୍କୁ ନେଇ ୨ ଦିନିଆ ଜୀବନ କୌଶଳ ଶିକ୍ଷା ସମ୍ବନ୍ଧୀୟ ତାଲିମ୍ ଆୟୋଜିତ ହୋଇଯାଇଅଛି । ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱାତୀ ଓ କ୍ରାଏ, କୋଲକାତାଙ୍କ ମିଳିତ ସହଯୋଗରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶିଶୁ ମାନଙ୍କର ଅଧିକାର, ଯୌନ ପ୍ରଜନନ ସ୍ୱାସ୍ଥ୍ୟ, ସ୍ୱାସ୍ଥ୍ୟ ଓ ପୁଷ୍ଟି ଶିକ୍ଷା, ଫଳପ୍ରଦ ଯୋଗାଯୋଗ, ଆବେଗ ଜନିତ ଶିକ୍ଷା, ହିଂସା ଓ ଏହାର ପ୍ରକାର ଭେଦ ଇତ୍ୟାଦି ବିଷୟକୁ ଗୁରୁତ୍ୱ ଦେଇ କିଶୋରୀ ମାନେ ଆଗାମୀ ଦିନରେ କିପରି ସୁସଂଗଠିତ ହୋଇ ବାଲ୍ୟ ବିବାହ ଓ ମହିଳା ମାନଙ୍କ ଉପରେ ହେଉଥିବା ଅତ୍ୟାଚାରକୁ ରୋକି ପାରିବେ ତାହା ପ୍ରୟାସ କରାଯାଇଥିଲା । ତାଲିମର ଉଦ୍ଯାପନି ଦିବସରେ ଫିରିଙ୍ଗିଆ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ଶ୍ରୀମତୀ ମଞ୍ଜୁଳା ପ୍ରଧାନ ଯୋଗଦେଇ ଜୀବନ କୌଶଳ ଶିକ୍ଷା ମାଧ୍ୟମରେ କିଶୋରୀମାନେ ସଚେତନ ହୋଇ ଅଙ୍ଗନୱାଡି କେନ୍ଦ୍ରକୁ ଆସୁଥିବା ବିଭିନ୍ନ ସୁବିଧା ସୁଯୋଗକୁ ହାତେଇ ପାରିବେ ତା ଉପରେ ଗୁରୁତ୍ୱ ଦେଇଥିଲେ । ତତ୍ ସହିତ ପ୍ରତି ସପ୍ତାହର ଶନିବାର ଅଙ୍ଗନୱାଡି କେନ୍ଦ୍ରରେ ଆୟୋଜିତ ହେଉଥିବା କିଶୋରୀ ସ୍ୱାସ୍ଥ୍ୟ ଦିବସରେ ଅଧିକରୁ ଅଧିକ ଯୋଗଦାନ କରି ସ୍ୱାସ୍ଥ୍ୟ ସମ୍ପର୍କୀତ ଶିକ୍ଷା ଗ୍ରହଣ କରିବା ସହିତ ରକ୍ତହୀନତା ଦୂର କରିବା ପାଇଁ ଲୌହ ବଟିକା ନିୟମିତ ସେବନ ନିମନ୍ତେ ଆହ୍ୱାନ ଦେଇଥିଲେ । ଏଥି ସହିତ ବନ୍ଧଗଡ ସେକ୍ଟରର ସୁପରଭାଇଜର ଶ୍ରୀମତି ସଜିତା ସାହୁ ଯୋଗଦେଇ କୋରୋନା ସମୟରେ ସରକାରଙ୍କର ନିୟମକୁ ମାନି ସାମାଜିକ ଦୂରତା, ମାସ୍କର ନିଶ୍ଚିତ ବ୍ୟବହାର ଓ ବାରମ୍ବାର ହାତ ଧୋଇବା ସହିତ ସମସ୍ତ ପ୍ରକାରର ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରିବା ନିମନ୍ତେ ପରାମର୍ଶ ଦେଇଥିଲେ । ସ୍ୱାତୀର ସମ୍ପାଦକ ଇଂ ହରିଶଙ୍କର ରାଉତ ଉପସ୍ଥିତ ରହି ତାଲିମାର୍ଥୀ ମାନଙ୍କୁ ଜୀବନରେ ବିଭିନ୍ନ ସମୟରେ ଆସୁଥିବା ସଙ୍କଟ ଓ ମହିଳା ମାନଙ୍କ ଉପରେ ଲଦିଦିଆଯାଉଥିବା ଅଧିକ ଦାୟିତ୍ୱକୁ କିଭଳି ତୁଲାଇବାକୁ ହୁଏ ତାହା ଆଶା କର୍ମୀ ଓ ଅଙ୍ଗନୱାଡି କର୍ମୀଙ୍କ ନିକଟରୁ ଶିଖିବା ନିମନ୍ତେ ଉପଦେଶ ଦେଇଥିଲେ ।

# ଅଜଣା ରୋଗ ନେଲାଣି ୭ ଜୀବନ, ଗୁଣିଆ ଭରଷାରେ ଗ୍ରାମବାସୀ

ମାଲକାନଗିରି, (ପିଏନ)- ମାଲକାନଗିରି ଜିଲ୍ଲାର କାଲିମେଳା ବ୍ଲକ ଅନ୍ତର୍ଗତ ଦୁର୍ଗମ ସାନଟେକଗୁଡା ଗ୍ରାମରେ ଅଜଣା ରୋଗରେ ଯାଇଛି ୭ ଗ୍ରାମବାସୀଙ୍କ ଜୀବନ । ଗ୍ରାମରେ ଏହି ଘଟଣାକୁ ନେଇ ଏକ ପ୍ରକାର ଆତଙ୍କ ଖେଳିଯାଇଥିବା ବେଳେ ଗୁଣିଆ ସାଜିଛି ଏକ ମାତ୍ର ସାହା ଭରସା ! କାଲିମେଳା ବ୍ଲକ ଦୁର୍ଗମ ଅଂଚଳ ଭାବରେ ପରିଚିତ ସାନଟେକଗୁଡା ଗ୍ରାମରେ ୫୨ ଆଦିବାସୀ ସମ୍ପ୍ରଦାୟ ର ଲୋକେ ବସବାସ କରୁଛନ୍ତି ! ସେମାନଙ୍କ ପାଇଁ ବିଶୁଦ୍ଧ ପାଣି ସାତସପନ ପାଲଟିଛି । ଗ୍ରାମରେ ଥିବା ନଳକୂଅ ପାଣି ପିଇବା ଉପଯୋଗି ନୁହେଁ । ସେଥିରେ ନାଲି ରଙ୍ଗର ଗୋଳିଆ ପାଣି ବାହାରୁଛି । ଲୋକ ମାନେ ବାଧହୋଇ ଏହି ଗୋଳିଆ ପାଣି ପିଇ ମୃତ୍ୟୁମୁଖରେ ପଡୁଥିବାର ଦେଖିବାକୁ ମିଳିଛି ।ଏଥି ସହିତ ଗ୍ରାମବାସୀମାନେ ନିକଟସ୍ଥ ନାଳ ଓ ଝରଣା ପାଣି ମଧ୍ୟ ପିଇବାକୁ ବାଧ ହେଉଛନ୍ତି । ଗ୍ରାମରେ ୩ ବର୍ଷ ତଳେ ୨ଲକ୍ଷ ଟଙ୍କା ବ୍ୟୟରେ ଏକ ପାନୀୟ ଜଳ ପ୍ରକଳ୍ପ ହୋଇଥିଲେ ମଧ୍ୟ ତାହା ଏବେ ଅକାମୀ ହୋଇପଡ଼ି ରହିଛି । ଫଳରେ ସାନଟେକଗୁଡା ଗ୍ରାମବାସୀ ବିଶୁଦ୍ଧ ପାଣି ଟୋପାଏ ପାଇପାରୁ ନଥିବାର ଅଭିଯୋଗ କରିଛନ୍ତି । ଏହି ଦୂଷିତ ପାଣି ପିଇ ପ୍ରାୟ ୨ମାସଭିତରେ ୭ରୁ ଉର୍ଦ୍ଧ୍ୱ ଲୋକଙ୍କ ଜୀବନ ଗଲାଣି । -ସାନଟେକଗୁଡା ଗ୍ରାମରେ ଗତ ୨ମାସ ଭିତରେ ୭ରୁ ଉର୍ଦ୍ଧ୍ୱ ଲୋକଙ୍କର ଜୀବନ ଯାଇଥିଲେ ମଧ୍ୟ ଲୋକମାନେ ଏବେ ବି ସଚେତନ ହୋଇନାହାନ୍ତି । ପାଣି ପିଇ ଯଦି କାହାର ଦେହ ଖରାପ ହୁଏ ଗୁଣିଆ ଦ୍ୱାରା ରୋଗୀମାନଙ୍କୁ ଝଡାଫୁଙ୍କା କରାଯାଉଥିବାର ଦୃଶ୍ୟ ଦେଖିବାକୁ ମିଳିଛି । ଲୋକମାନେ ଡ଼ାକ୍ତରଖାନାଯିବା ପରିବର୍ତେ ଗୁଣିଆ ନିକଟକୁ ଯିବାର ଦେଖି ବାକୁ ମିଳିଛି। ଏହି ଗ୍ରାମବାସୀଙ୍କ ନିକଟରେ ଏ ପର୍ଯ୍ୟନ୍ତ ପହଂଚି ନାହିଁ ନି କୋଣସି ସରକାରୀ ସଚେତନତା । ଯାହା ଫଳରେ ଏହି ଗ୍ରାମରେ ଲୋକମାନେ ଗୁଣିଗାରେଡି ଉପରେ ଭରସା କରି ଆସୁଛନ୍ତି ।

# ଦୁର୍ନୀତି ବିରୋଧରେ ଜିଲ୍ଲାପାଳଙ୍କ ହସ୍ତକ୍ଷେପ ଦାବି କଲେ ଲୁଇପା ଡ଼ିଗ୍ରୀ ମହାବିଦ୍ୟାଳର ଅଧାପକ ଓ ଅଧାପିକା

ବାରିପଦା, (ପିଏନ)-ମୟୂରଭଞ୍ଜ ଜିଲ୍ଲା ଉଦଳା ଥାନା ଅନ୍ତର୍ଗତ ରାଢ଼ୋ ଲୁଇପା ଡ଼ିଗ୍ରୀ ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷ ଆଦିକନ୍ଦ ଦେଙ୍କ ବିରୋଧରେ ମହାଦୁର୍ନୀତିର ଅଭିଯୋଗ ଆଣି ଘଟଣା ଉପରେ ଜିଲ୍ଲାପାଳଙ୍କ ହସ୍ତକ୍ଷେପ କରିବା ଦାବିରେ ଆଜି ମହାବିଦ୍ୟାଳୟର ଅରବିନ୍ଦ ସେଠୀ, ସମୀର କୁମାର ନାୟକ, ହରପ୍ରିୟା ବେହେରା, ଗୀତିକା ଜେନା, ଜ୍ୟୋତିଶା ମାଝି, ମଧୁସ୍ମିତା ପାତ୍ର, ମନୋଜ ଦଳେଇ, ଗୌରାଙ୍ଗଚନ୍ଦ୍ର ମହାପାତ୍ର, ରାଜୀବ କୁମାର ଗିରି, ତପନ କୁମାର ସାହୁ, ଶୁଭଶ୍ରୀ ନନ୍ଦ, ବିପୀନ ବିହାରୀ ସିଂ, ପଙ୍କଜ କୁମାର ପଣ୍ଡା ପ୍ରମୁଖ ଅଧାପକ, ଅଧାପିକା ପ୍ରମୁଖ ଜିଲ୍ଲାପାଳ ଶ୍ରୀଭରଦ୍ୱାଜଙ୍କୁ ସାକ୍ଷାତ କରି ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ । ଲୁଇପା ଡ଼ିଗ୍ରୀ ମହାବିଦ୍ୟାଳୟର ଅଧାପକ ଓ ଅଧାପିକାମାନଙ୍କ ଅଭିଯୋଗ ଆଧାରରେ ଅଧ୍ୟକ୍ଷ ଶ୍ରୀଦେ ଶହେ କିମ୍ବା ହଜାରେ ନୁହେଁ, ଲକ୍ଷ ଲକ୍ଷ ଟଙ୍କାର ଦୁର୍ନୀତି କରିଛନ୍ତି । ସମସ୍ତଙ୍କୁ ଚୁନ ଲଗାଇ ଏହି ସମସ୍ତ ଟଙ୍କାକୁ ଚଲୁ କରିଛନ୍ତି ମହାବିଦ୍ୟାଳୟର ଅଧ୍ୟକ୍ଷ । ତାହା ପୁଣି ୟୁଜିସି ପକ୍ଷରୁ ମହାବିଦ୍ୟାଳୟକୁ ଆସିଥିବା ଅନୁଦାନ ସହ ମହାବିଦ୍ୟାଳୟରେ କାର୍ଯ୍ୟରତ ଅଧାପକ, ଅଧାପିକ ଓ କର୍ମଚାରୀମାନଙ୍କ ଏରିଆର ଟଙ୍କା, ଅନୁସୂଚିତ ଜାତି ଓ ଜନଜାତି ଛାତ୍ରଛାତ୍ରୀମାନଙ୍କ ଷ୍ଟାଇପେଣ୍ଡ ଟଙ୍କା ସହ ମହାବିଦ୍ୟାଳୟର ପାଣ୍ଠି ଆଦି । ଏହାକୁ ନେଇ ବିବାଦ ଘେରରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀଦେ । ଏହି ସମସ୍ତ ଅଭିଯୋଗକୁ ନେଇ ମହାବିଦ୍ୟାଳୟର ଅଧାପକ ସମୀର ରଞ୍ଜନ ନାୟକ ମୁଖ୍ୟମନ୍ତ୍ରୀଙ୍କୁ ନିକଟରେ ଅଭିଯୋଗ କରିଥିଲେ ଏବଂ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ କପ୍ତିପଦା ଉପଜିଲ୍ଲାପାଳ ଭଗବାନ ବେହେରା ଗତ କାଲି ଉଦଳା ଥାନା ଅନ୍ତର୍ଗତ ରାଢ଼ୋ ଲୁଇପା ଡ଼ିଗ୍ରୀ ମହାବିଦ୍ୟାଳୟରେ ପହଁଞ୍ଚିଥିଲେ । ଉପଜିଲ୍ଲାପାଳ ତଦନ୍ତ ଶେଷ କରି ଫେରିବା ସମୟରେ ମହାବିଦ୍ୟାଳୟର ଫାଟକ ସମ୍ମୁଖରେ ତଦନ୍ତ ରିପୋର୍ଟ ସାର୍ବଜନୀନ କରାଯିବା ଦାବିରେ ମହାବିଦ୍ୟାଳୟର ଛାତ୍ର ଓ ଅନ୍ୟ ଜଣେ ସ୍ଥାନୀୟ ବ୍ୟକ୍ତି ଜାତୀୟ ପତକା ଧରି ରାସ୍ତା ଅବରୋଧ କରିବା ସହ ଗାଡ଼ି ସମ୍ମୁଖରେ ଶୋଇ ଧାରଣାରେ ବସିଥିଲେ । ଉକ୍ତ ଘଟଣାରେ ଆଜି ଉଦଳା ଥାନା ଦାୟିତ୍ୱରେ ଥିବା ଖୁଣ୍ଟା ଥାନା ଆଇଆଇସି ସ୍ୱର୍ଣ୍ଣଲତା ମିଞ୍ଜ ଅଧାପକ ମନ୍ମଥ କୁମାର ପଣ୍ଡା(୪୮), ସୁଶାନ୍ତ କୁମାର ମଲ୍ଲିକ(୨୦) ଓ ରଞ୍ଜିତ୍ କୁମାର ବିଶ୍ୱାଳ(୨୪)ଙ୍କୁ ଆଇପିସି ଧାରା ୩୪୧, ୩୪୨, ୩୫୩, ୨୬୮, ୨୬୯, ୨୭୦, ୧୮୬, ୧୮୮ ଓ ୩୪ ସହ ୧୯୮୭ ମହାମାରୀ ଆକ୍ଟ-୩ ଓ ବିପର୍ଯ୍ୟୟ ପରିଚାଳନା ଆକ୍ଟ-୨୦୦୫ ଧାରା ୫୬ରେ (କେଶ ନମ୍ବର ୨୩୯/୨୦୨୦) ଗିରଫ କରି କୋର୍ଟ ଚାଲାଣ କରିଥିବା ସମୟରେ ମହାବିଦ୍ୟାଳୟର ଅଧାପକ, ଅଧାପିକାମାନେ ଥାନାରେ ଦେଇଥିବା ଅଭିଯୋଗ ଉପରେ ଅଦ୍ୟାବଧି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ପାରିନାହିଁ । ଅଧିକନ୍ତୁ, ବିଭିନ୍ନ ସମୟରେ ବାହାରର ବ୍ୟକ୍ତି ଓ ମହିଳାମାନଙ୍କୁ ଲଗାଇ ଅଧ୍ୟକ୍ଷ ଶ୍ରୀଦେ ମହାବିଦ୍ୟାଳୟ ପରିସରରେ ଅଧାପକ, ଅଧାପିକାମାନଙ୍କୁ ଧମକଚମକ ଦେବା ସହ ଜଣେ ଅନୁସୂଚିତ ଜନଜାତି ସମ୍ପ୍ରଦାୟର ଅଧାପିକା ମହାବିଦ୍ୟାଳୟକୁ ଆସୁଥିବା ସମୟରେ ରାସ୍ତାରେ ଲୋକ ଲଗାଇ ଜାତିଆଣ ଆକ୍ଷେପ ସହ ଅଶାଳୀନ ଭାଷାରେ ଗାଳିଗୁଲଜ ଓ ଧମକ ଚମକ ଦେଇଥିଲେ । କେବଳ ଏତିକି ନୁହେଁ ଅଧ୍ୟକ୍ଷ ଶ୍ରୀଦେ ତାଙ୍କ ଭାଇ ଓ ପୁଅଙ୍କୁ ମହାବିଦ୍ୟାଳୟରେ ନିଯୁକ୍ତି ପ୍ରଦାନ କରିଛନ୍ତି । ସେମାନେ ମହାବିଦ୍ୟାଳୟକୁ ଆସୁନଥିବା ବେଳେ ପ୍ରତ୍ୟେକ ମାସ ଦରମା ଉଠାଯାଉଛି । ପୁଣି କେତେକ ଅଧାପକଙ୍କ ଅଗୋଚରରେ ସ୍ୱାକ୍ଷରକୁ ନକଲ କରି କରାଯାଇ ଟଙ୍କା ଉଠାଯାଇଛି । ଲୁଇପା ଡ଼ିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀଦେଙ୍କ ନାମରେ ଏହିପରି ବିଭିନ୍ନ ସଙ୍ଗୀନ ଅଭିଯୋଗ ଆଣି ମହାବିଦ୍ୟାଳୟର ଅଧାପକ, ଅଧାପିକାମାନେ ବାରମ୍ବାର ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଆସୁଥିବା ସମୟରେ ଆଜି ଜିଲ୍ଲାପାଳଙ୍କୁ ଭେଟି ନିଜର ଅଭିଯୋଗ ଜଣାଇଛନ୍ତି । ତେବେ ଏହାର ଶେଷ କେଉଁଠି ତାହାକୁ ନେଇ ଉଠିଛି ପ୍ରଶ୍ନ । ଅଧ୍ୟକ୍ଷ ଓ ଅଧାପକମାନଙ୍କ ମଧ୍ୟରୁ ବଳି ପଡ଼ିବ କିଏ । ଏହି ବିବାଦ ମଧ୍ୟରେ ସତ୍ୟର ଜୟ ହେଉଛି ନା ଅସତ୍ୟର ଜୟ ହେଉଛି , ତାହା କେବଳ ପରବର୍ତି ସମୟ ହିଁ କହିବ ।


2024-2025



ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

Speciaö discount for new admission before 15.03.2024

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada

୨୬ତମ ପ୍ରତିଷ୍ଠା ଦିବସ ସମାରୋହ

ଖେଳ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବର କାଗଜ

# ପର୍ଯ୍ୟବେକ୍ଷକ

Bhubaneswar Tuesday December 31 ଭୁବନେଶ୍ୱର ମଙ୍ଗଳବାର, ଡିସେମ୍ବର ୩୧,୨୦୨୪ Daiöy Edition : R.N.I.No: ODIODI /1999/00717 Postaö Regd. No: BN/57/18-20 www.paryabekhyak.com ୮

## ଶ୍ରମିକ ଶୋଷଣ ବିରୁଦ୍ଧରେ ଆଇଓସିଏଲ ପ୍ରାକ୍ସଏୟାର କମ୍ପାନୀ ଆଗରେ ଧାରଣା : ଶ୍ରମିକ ପୁନଃ ନିଯୁକ୍ତି ପରେ ଆନ୍ଦୋଳନ ପ୍ରତ୍ୟାହୃତ




ପାରାଦୀପ ,(ପି.ଏନ): ଆଇଓସିଏଲ ପାରାଦୀପ ତୈଳ ବିଶୋଧନାଗାରରେ କାର୍ଯ୍ୟରତ ପ୍ରାକ୍ସଏୟାର କମ୍ପାନୀରେ ମେଣ୍ଟେନାନ୍ସ ରେ କାର୍ଯ୍ୟ କରୁଥିବା ଜଣେ ସ୍ଥାନୀୟ ଶ୍ରମିକ ସଞ୍ଜୟ ସ୍ୱାଇଁ ଙ୍କୁ ଅନ୍ୟାୟ ଭାବେ କାର୍ଯ୍ୟରୁ ଦୀର୍ଘ ଦିନ ଅନ୍ତର କରିବା ବିରୁଦ୍ଧରେ ଶ୍ରମିକ ନେତା ପ୍ରକାଶ ତ୍ରିପାଠୀ ଙ୍କ ନେତୃତ୍ୱାଧୀନ ପୂର୍ବ ଉପକୂଳ ଶ୍ରମିକ ସଙ୍ଘ ପ ।ରୁ ପ୍ରାକ୍ସଏୟାର କଲୋନୀ ମୁଖ୍ୟ ଫାଟକ ସମ୍ମୁଖରେ ସୋମବାର ଦିନ ସକାଳେ ଶାନ୍ତିପୂର୍ଣ୍ଣ ଧାରଣା ଦିଆଯାଇଥିଲା । ଶ୍ରମିକ ସଂଘର ସାଧାରଣ ସମ୍ପାଦକ ଅଭିମନ୍ୟୁ ବେହେରା ଓ ଉପସଭାପତି ରତ୍ନାକର ଜେନା ଙ୍କ ନେତୃତ୍ୱରେ ଶ୍ରମିକ ମାନେ ଧାରଣାରେ ବସିଥିଲେ । ଶ୍ରୀ ବେହେରା ଓ ଜେନା ଙ୍କ ଅଭିଯୋଗ ଅନୁଯାୟୀ କମ୍ପାନୀ ରେ ଶ୍ରମିକ ମାନଙ୍କୁ ଶୋଷଣ ବିରୁଦ୍ଧରେ ସଞ୍ଜୟ ସ୍ୱାଇଁ ସ୍ୱର ଉତ୍ତୋଳନ କ ରିବାରୁ ଆଇଓସିଏଲ ର ଜଣେ ଅଧିକାରୀ ଜଣେ ବହିରାଗତ ଅପରାଧି ନେତା ର ପ୍ରରୋଚ଼ନା ଓ ଅର୍ଥ ଲୋଭରେ ତାଙ୍କ ଉପରେ ମିଥ୍ୟା ଅଭିଯୋଗ ଓ ମାମଲା ରୁଜୁ କରି ତାଙ୍କୁ କାର୍ଯ୍ୟରୁ ଅନ୍ତର କରିଥିଲେ । କୁଜଙ୍ଗ ନ୍ୟାୟାଳୟରେ ସଞ୍ଜୟ ନିର୍ଦ୍ଦୋଷ ସାବ୍ୟସ୍ତ ହେଲାପରେ ମଧ ତାଙ୍କୁ ଦୀର୍ଘ ୧୮ ମାସ ହେବ କତୃପ। କାର୍ଯ୍ୟରେ ଯୋଗ ଦେବାରେ ଟାଳଟୁଳ ନୀତି ଅବଲମ୍ବନ କରାଯାଉଥିବା ନେଇ ଅଭିଯୋଗ ହୋଇଛି । ତେବେ ଏହି ଧାରଣାରେ ଜଦି ବହିସ୍କୃତ ଶ୍ରମିକ ଙ୍କୁ ତୁରନ୍ତ ଅବସ୍ଥାପିତ କରାନଯାଏ, ତେବେ ଏହାପରେ ଆଇଓସିଏଲ ରିଫାଇନେରୀ ର ମୁଖ୍ୟ ଫାଟକ ଆଗରେ ଆମରଣ ଅନଶନ କରାଯାଇ ସମ୍ପୂର୍ଣ୍ଣ କାର୍ଯ୍ୟ ବନ୍ଦ କରାଯିବ ବୋଲି ଶ୍ରମିକ ନେତା ମାନେ ଚେତାବନୀ ଦେଇଥିଲେ । ଏହି ଘଟଣା ପରେ କମ୍ପାନୀ କତୃପ। ତୁରନ୍ତ ବହିସ୍କୃତ କର୍ମଚ଼ାରୀ ସଞ୍ଜୟ ସ୍ୱାଇଁ ଙ୍କୁ କାର୍ଯ୍ୟରେ ପୁନଃ ଅବସ୍ଥାପିତ କରିବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା । ଅନ୍ୟପ ।ରେ ସଂଘର ସଭାପତି ଶ୍ରମିକ ନେତା ପ୍ରକାଶ ତ୍ରିପାଠୀ କହିଛନ୍ତି ଯେ ଶ୍ରମିକ ଶୋଷଣ ବିରୁଦ୍ଧରେ ଏବଂ ସେମାନଙ୍କ ସ୍ୱାର୍ଥ ର ।। ଲାଗି ତାଙ୍କ ସଙ୍ଘ ବିନା ସ୍ୱାର୍ଥରେ ସର୍ବଦା କାର୍ଯ୍ୟ କରିବ । ଯେଉଁ ବହିରାଗତ ଅପରାଧି ଛଦ୍ମବେଶି ନେତା ନିଜ ସ୍ୱାର୍ଥ ହାସଲ ପାଇଁ କମ୍ପାନୀ ଅଧିକାରୀ ମାନଙ୍କୁ ଧରି ଏଠାରେ ସ୍ଥାନୀୟ ଶ୍ରମିକ ଶୋଷଣ କରୁଛନ୍ତି ସେମାନଙ୍କୁ କଡା ଜବାବ ଦିଆଯିବ ବୋଲି ଶ୍ରମିକ ନେତା ପ୍ରକାଶ ତ୍ରିପାଠୀ ଚେତାବନୀ ଦେଇଛନ୍ତି ।

## ମୁଖ୍ୟମନ୍ତ୍ରୀଙ୍କ ବଡ଼ ଘୋଷଣା: ଭୁବନେଶ୍ୱର, ଝାରସୁଗୁଡାରୁ ଏଣିକି ଏହି ସବୁ ସହରକୁ ଉଡ଼ିବ ବିମାନ

ଭୁବନେଶ୍ୱର,୩୦।୧୨: ନୂଆବର୍ଷରୁ ଓଡ଼ିଶାର ଦୁଇ ପ୍ରମୁଖ ବିମାନ ବନ୍ଦର ଭୁବନେଶ୍ୱର ଓ ଝାରସୁଗୁଡାରୁ ଅଧିକ ସହରକୁ ସିଧାସଳଖ ଯୋଡି ହେବ ବିମାନସେବା । ଜାନୁଆରୀ ୧ରୁ ଝାରସୁଗୁଡା ବିମାନ ବନ୍ଦରରୁ ଅଧିକ ୪ଟି ସହରକୁ ଆଉ ଜାନୁଆରୀ ୩ରୁ ଭୁବନେଶ୍ୱର ବିମାନ ବନ୍ଦରରୁ ଆଉ ୫ଟି ସହରକୁ ସିଧାସଳଖ ବିମାନ ସେବା ମିଳିବ? ଝାରସୁଗୁଡ଼ାରୁ ସିଧାସଳଖ ହାଇଦ୍ରାବାଦ, ରାୟପୁର, ଲ।ନୌ, ମୁମ୍ବାଇକୁ ଉଡ଼ିବ। ସେହିପରି ଭୁବନେଶ୍ୱରରୁ ଇନଦୋର, ଡେରାଡୁନ, କୋଚ଼ି, ଜୟପୁର, ଲ।ନୌକୁ ଉଡ଼ିବ। ଏ ନେଇ ମୁଖ୍ୟମନ୍ତ୍ରୀ ମୋହନ ଚ଼ରଣ ମାଝୀ ସୋମବାର ଏହି ସୂଚ଼ନା ଦେଇଛନ୍ତି ।

## ସଚେତନ ସାହିତ୍ୟ ସଂସଦର ତୃତୀୟ ବାର୍ଷିକ ସମାବର୍ତ୍ତନ ଓ ପୁସ୍ତକ ଲୋକାର୍ପଣ ଉତ୍ସବ ଅନୁଷ୍ଠିତ

ମାହାଙ୍ଗା,(ପି,ଏନ): ସଚେତନ ସାହିତ୍ୟ ସଂସଦ ଖମାର ବେଲରପା, ନିଶ୍ଚିନ୍ତକୋଇଲି.କେନ୍ଦ୍ରାପଡା ପକ୍ଷରୁ ତୃତୀୟ ବାର୍ଷିକ ସମାବର୍ତ୍ତନ ଓ ପୁସ୍ତକ ଲୋକାର୍ପଣ ଉତ୍ସବ ମାହାଙ୍ଗା ବ୍ଲକ ହଳଦିଆ ପଂଚାୟତ ଅନ୍ତର୍ଗତ ଇଟାମୁଣ୍ଡୁଳି ଗ୍ରାମର ମା' ବୁଢୀ ଜାଗୁଳାଇ ପୀଠରେ ପ୍ରାଧ୍ୟାପକ ବିରୂପାକ୍ଷ ରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ପ୍ରାରମ୍ଭରେ ଅତିଥିମାନେ ପୀଠସ୍ଥ ଦେବୀଙ୍କ ସମ୍ମୁଖରେ ପ୍ରଦୀପ ପ୍ରଜ୍ୱଳନ କରିଥିଲେ । ବନ୍ଦେ ଉତ୍କଳ ଜନନୀ ସଂଗୀତ ଗାନ କରାଯିବା ପରେ ସାହିତ୍ୟ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା । ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଲୋକସାହିତ୍ୟ ଗବେଷକ ଓ ସମାଲୋଚକ ଡଃ. ଅଜୟ ମିଶ୍ର, ସମ୍ମାନୀତ ଅତିଥି ଭାବେ ରାମଚନ୍ଦ୍ର ସାହୁ, ରେଙ୍ଗାଲି ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକକୁଳମଣି ଯୋଷୀ, ଶିକ୍ଷାବିତ୍ ଖାନ୍ ନଗର ଉଚ୍ଚ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରାକ୍ତନ ପ୍ରଧାନଶିକ୍ଷକ ଭାଗବତ ପ୍ରଧାନ, ବିଶିଷ୍ଟ ଶିକ୍ଷାବିତ୍ ନରେନ୍ଦ୍ରନାଥ ଶତପଥି, ପ୍ରାକ୍ତନ ମହାପ୍ରବନ୍ଧକ ଚୌଧୁରୀ ନୀରୋଦ ଚନ୍ଦ୍ର ଦାସ, ସୁରେଶ ଚନ୍ଦ୍ର ମହାପାତ୍ର, ସମ୍ମାନୀତ ବକ୍ତା ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଶାରଦା ପ୍ରସାଦ ମିଶ୍ର, ମୁଖ୍ୟବକ୍ତା ଭାବେ ମାହାଙ୍ଗା ପୁଷ୍ପଗିରି ମହାବିଦ୍ୟାଳୟର ପ୍ରାକ୍ତନ ଅଧକ୍ଷ ପିତାମ୍ବର ମିଶ୍ର ପ୍ରମୁଖ ଯୋଗଦେଇ ଭାଷା ବଞ୍ଚିଲେ ସାହିତ୍ୟ ବଞ୍ଚିବ, ଆମେ ଓଡିଆ, ଆମ ଭାଷା ଓଡିଆ, ମୁଁ ମୋ ଭାଷାକୁ ନେଇ ଗର୍ବ କରେ , ସାହିତ୍ୟ ହେଉଛି ଜୀବନ, ଭାଷା ନାହିଁ ତ ଜ୍ଞାନ ନାହିଁ, ଜ୍ଞାନ ନାହିଁତ କୌଶଳ ନାହିଁ ବୋଲି ମତବ୍ୟକ୍ତ କରିବା ସହ ସଚେତନ ସାହିତ୍ୟ ସଂସଦର ଏହିଭଳି କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ । ପ୍ରାରମ୍ଭରେ ଡ. ଅଭୟ କୁମାର ରାଉତ ଅତିଥି ପରିଚୟ ପ୍ରଦାନ କରିଥିଲା ବେଳେ ତାରା ପ୍ରସନ୍ନ ମହାପାତ୍ର ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ । ଶରତ ଚନ୍ଦ୍ର ମିଶ୍ର ଅତିଥିମାନଙ୍କୁ ଆସନ ଗ୍ରହଣ ନିମନ୍ତେ ଆମନ୍ତ୍ରଣ କରିଥିଲେ । ଏହି ଉପଲକ୍ଷେ ସଂସଦର ମୁଖପତ୍ର ସାହିତ୍ୟ ଚେତନା ଓ ଶିକ୍ଷାବିତ୍ ଭାଗବତ ପ୍ରଧାନଙ୍କ ଦ୍ୱାରା ରଚିତ ପଦ୍ୟ ପଙ୍କଜ, ଶିକ୍ଷା ଓ ଶିକ୍ଷକ, ଓଡିଆ ବର୍ଣ୍ଣପରିଚୟ, କବି ରାମଚନ୍ଦ୍ର ସାହୁଙ୍କ ରଚିତ ପ୍ରେମର ଅନ୍ତରାଳେ, ମନ୍ଥରା, ଶଙ୍କୁନି ପୁସ୍ତକକୁ ଅତିଥିମାନେ ଲୋକାର୍ପଣ କରିଥିଲେ । ଅତିଥିମାନଙ୍କ ଦ୍ୱାରା ସାହିତ୍ୟରେ ବିଭିନ୍ନ କ୍ଷେତ୍ରରେ କୃତୀତ୍ୱ ଅର୍ଜନ କରିଥିବା ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସୁରେନ୍ଦ୍ରନାଥ ଶତପଥି ମାନପତ୍ର ପାଠ କରିଥିଲେ । କବି ମହେନ୍ଦ୍ର ଘଡେଇ ଓ ଶରତ ଚନ୍ଦ୍ର ରାଉତଙ୍କ ସଂଯୋଜନାରେ କବିତାପାଠ ଉତ୍ସବ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ରାମଚନ୍ଦ୍ର ପ୍ରଧାନ, ବିଜୟ କୁଅଁର, ପ୍ରଫୁଲ୍ଲ କୁମାର ସାହୁ , ବିବେକାନନ୍ଦ ଦାସ, କଳ୍ପତରୁ ଦାଶ, ମନୋରଂଜନ ତ୍ରିପାଠୀ, ନିରଞ୍ଜନ ମେକାପ, ପଞ୍ଚାନନ ମିଶ୍ର, ପ୍ରଫୁଲ୍ଲ କୁମାର ସିଂ, ସରୋଜ କୁମାର ଘଡେଇଙ୍କ ସମେତ ବିଭିନ୍ନ ଅଂଚଳର ବହୁ ସାହିତ୍ୟିକ ଓ କବି ଅଂଶ ଗ୍ରହଣ କରିଥିଲେ । ଶେଷରେ ଶରତ ଚନ୍ଦ୍ର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ ।

## ଶ୍ରେୟସୀ ପତ୍ରିକା ପ ।ରୁ ବହୁଭାଷୀ କବିତା ଆସର ଅନୁଷ୍ଠିତ

କଲିକତା,(ପି.ଏନ): ପୂର୍ବ ମେଦିନୀପୁରରୁ ପ୍ରକାଶିତ ଶ୍ରେୟସୀ ଇ -ପତ୍ରିକା ପ ।ରୁ ଏକ ବହୁଭାଷୀ କବିତା ଆସର ଅନୁଷ୍ଠିତ ହୋଇଯାଇଛି । ଏଥିରେ ଭାରତର ବିଭିନ୍ନ ପ୍ରାନ୍ତରୁ ବହୁ ସଂଖ୍ୟକ କବି କବୟିତ୍ରୀ ଯୋଗ ଦେଇ ନିଜ ନିଜ ଭାଷାରେ କବିତା ପାଠ କରିଥିଲେ। ଗୁଜରାଟରୁ କବୟିତ୍ରୀ ରାନୁ ମୁଖାର୍ଜୀ ହିନ୍ଦୀ କବିତା ପାଠ କରିଥିଲେ। ପୁରୀର ସ୍କୁଲ ଛାତ୍ରୀ ଶ୍ରେୟା ଶେଫାଳୀ ନିଜର ଇଂରାଜୀ କବିତା 'ଦି ଫାଦର୍' ପାଠ କରିଥିଲେ। ବାଲିସାହିର ପୁତୁଲ୍ ମାଇତି, ରାମ ନଗରରୁ କବି ପ୍ରଣବ କାନ୍ତି ଭଟ୍ଟାଚାର୍ଯ୍ୟ, କଣ୍ଟାଇରୁ ବରିଷ୍ଠ କବି ସ୍ୱପନ କୁମାର ପାହାଡୀ, ଭୋଗରାଇରୁ ପ୍ରଭାତ କୁମାର ଆଚାର୍ଯ୍ୟ, ବିଳାସପୁରରୁ ଡକ୍ଟର ବାମନ ଚ଼ନ୍ଦ୍ର ଦୀ'ତ,କଲିକତାରୁ କବି ତଥା ଯୋଗ ପ୍ରଶି ।କ ସନାତନ ମହାକୁଡ଼, ଖଡଗପୁରରୁ ପ୍ରଫେସର ଡକ୍ଟର ଗଗନ ଚ଼ନ୍ଦ୍ର ଦେ ଓ ବଶ୍ୱଜିତ୍ ପଟ୍ଟନାୟକ ପ୍ରମୁଖ ନିଜ ନିଜର ଚ଼ିତ୍ତାକର୍ଷକ କବିତା ପାଠ କରିଥିଲେ। ବରିଷ୍ଠ ଅସମୀୟା ଅନୁବାଦକ ବାସୁଦେବ ଦାସ ଅନୁବାଦ କବିତା ପାଠ କରିଥିବା ବେଳେ ନିଜର ଦର୍ଶନ ଶକ୍ତି ହରାଇଥିବା କଣ୍ଟାଇରୁ କବି ସୁମୟ ମିଶ୍ରଙ୍କ ରଚ଼ିତ କବିତା ତାଙ୍କର ସହଧର୍ମିଣୀ ସୁମଧୁର କଣ୍ଠରେ ପାଠକରି ଥିଲେ। ଶେଷରେ କବି ବିଶ୍ୱଜିତ୍ ପଟ୍ଟନାୟକ ନିଜ ପିତାଙ୍କ ନାଟକ ରଚ଼ନା ଜୟଯାତ୍ରା ବିଷୟରେ ଉପସ୍ଥାପନା କରିଥିବା ବେଳେ ସ୍ୱପନ କୁମାର ପାହାଡୀ ନିଜ ବାଲୁତ କାଳର ସଂପାଦନା ଅନୁଭୂତି ବାଣ୍ଟିଥିଲେ। ପତ୍ରିକା ସଂପାଦକ ବରୁଣ କୁମାର ଦାସ କାର୍ଯ୍ୟକ୍ରମ ପରିଚ଼ାଳନା କରିବା ସହିତ ବିଭିନ୍ନ ପ୍ରାନ୍ତରୁ ଆସରରେ ଅଂଶ ଗ୍ରହଣ କରିଥିବା ସମସ୍ତ ସାରସ୍ୱତ ସ୍ରଷ୍ଟା ତଥା ଭାଷା ପ୍ରେମୀମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ରାହୁଲ ଗାନ୍ଧିଙ୍କ ଭିଏତନାମ ଟ୍ରିପକୁ ନେଇ ବିଜେପି-କଂଗ୍ରେସ ମୁହାଁମୁହିଁ

ଭୁବନେଶ୍ୱର,୩୦।୧୨(ପି.ଏନ): ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂହଙ୍କ ଦେହାନ୍ତ ଯୋଗୁ ଦେଶରେ ୭ ଦିନିଆ ରାଷ୍ଟ୍ରୀୟ ଶୋକ ଘୋଷଣା କରାଯାଇଛି। ଏହି ସମୟରେ କଂଗ୍ରେସ ସାଂସଦ ରାହୁଲ ଗାନ୍ଧି ଭିଏତନାମ ଗସ୍ତ କରିଥିବା ବିଜେପି ଅଭିଯୋଗ କରିଛି। ଏହାକୁ ନେଇ କଂଗ୍ରେସ ଓ ବିଜେପି ମୁହାଁମୁହିଁ ହୋଇଛନ୍ତି।ଗୋଟିଏ ସୋଶାଲ ମିଡିଆ ପୋଷ୍ଟରେ ବିଜେପି ଆଇଟି ସେଲ ମୁଖ୍ୟ ଅମିତ ମାଲବ୍ୟ ଅଭିଯୋଗ କରିଛନ୍ତି ଯେ ରାହୁଲ ଗାନ୍ଧି ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂହଙ୍କ ବିୟୋଗକୁ ନେଇ ରାଜନୀତି କରୁଛନ୍ତି।

## ବିଲରେ ପାଚିଲା ଧାନ ଗଜା ହେଲାଣି, ବ୍ଲକ କୃଷି ଅଧିକାରିଣୀ ଉଠାଉ ନାହାଁନ୍ତି ଫୋନ୍ , ଚିନ୍ତାରେ ଚାଷୀ

ମାହାଙ୍ଗା,(ପି.ଏନ): ବର୍ଷା ଜଳ ଜନିତ ଫସଲ ହାନୀ ସହାୟତା ପ୍ରଦାନ ନେଇ ରାଜ୍ୟ ସରକାର ନିଜର ଆଭିମୁଖ୍ୟ ସ୍ପଷ୍ଟ କରୁନଥିଲା ବେଳେ ଚାଷୀ ଏବେ ଚିନ୍ତାରେ । ଯେଉଁ ଚାଷୀମାନେ ଫସଲବୀମା କରିଛନ୍ତି ସେମାନେ କେତେ ପରିମାଣର ଧାନ ଫସଲ କ୍ଷତିର ବୀମା ସହାୟତା ଅର୍ଥ ପାଇବେ। ଯେଉଁମାନେ ଫସଲବୀମା କରିନାହାଁନ୍ତି ସେମାନେ କେତେ ପରିମାଣର କ୍ଷୟକ୍ଷତି ସହାୟତା ପାଇବେ ଏବେ ଏହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଅପରପକ୍ଷରେ ମାହାଙ୍ଗା ବ୍ଲକରେ ଚାଷୀଙ୍କ ଅପେକ୍ଷା ଭାଗ ଚାଷୀଙ୍କ ସଂଖ୍ୟା ଅଧିକ । ପୂର୍ବର ବିଜେଡି ସରକାର ଭାଗଚାଷୀଙ୍କୁ ଅଣଦେଖା କରୁଥିଲା ବେଳେ ବର୍ତ୍ତମାନର ସରକାର ଭାଗଚାଷୀଙ୍କ ସମସ୍ୟାକୁ ନେଇ କର୍ଣ୍ଣପାତ କରୁନଥିବା ଅଭିଯୋଗ ହେଉଛି । ଜମି ମାଲିକ ଫସଲ ହାନୀ ସହାୟତା ପାଉଥିଲା ବେଳେ ପ୍ରକୃତ ଚାଷ କରୁଥିବା ଭାଗଚାଷୀ ସହାୟତା ପାଇବାରୁ ବଞ୍ଚିତ ହୋଇଛନ୍ତି । ମାହାଙ୍ଗା ବ୍ଲକର କୃଷି କାର୍ଯ୍ୟାଳୟ ନାହିଁ ନାହିଁରେ ଚାଲିଛି । ଏପରିକି ବ୍ଲକ କୃଷି ଅଧିକାରିଣୀ ଗଣମାଧ୍ୟମ ପ୍ରତିନିଧିଙ୍କ ଫୋନ୍ କଲକୁ ଉଠାଉନାହାଁନ୍ତି । ଚାଷୀମାନଙ୍କ ପାଇଁ କି କି ସୁବିଧା ଚାଷୀମାନଙ୍କ ପାଇଁ ଆସୁଛି ତାହା ମାହାଙ୍ଗା ଅଂଚଳର ଚାଷୀମାନେ ଜାଣିପାରୁନାହାଁନ୍ତି । ଏପରିକି ମାହାଙ୍ଗା ବ୍ଲକର ୩୭ ଟି ପଂଚାୟତରେ ବ୍ୟାପକ ଧାନ ଫସଲ ନଷ୍ଟ ହେଉଛି । ଏହାର ଆକଳନ କିଭଳି କରାଯିବ ଏବଂ କିଏ କରିବ ସେ ନେଇ ଚାଷୀ ମହଲରେ ଆଶଙ୍କା ସୃଷ୍ଟି ହୋଇଛି । ଏଠାରେ ସୂଚନା ଯୋଗ୍ୟ ଯେ କୃଷକ ସାଥିମାନଙ୍କ ଉପରେ କୃଷି ବିଭାଗ ବୋଝ ଲଦି ଦେଉଛି । ସ୍ୱଳ୍ପ ପାରିଶ୍ରମିକରେ କୃଷକ ସାଥିମାନେ ଦୀର୍ଘ ଦିନ ଧରି ବେଠି ଖଟୁଛନ୍ତି । ୩୭ଟି ପଂଚାୟତ ପାଇଁ ୪ ଜଣ ଗ୍ରାମ୍ୟ କୃଷି କର୍ମଚାରୀ ରହିଥିଲା ବେଳେ ସହକାରୀ କୃଷି ଅଧିକାରୀଙ୍କ ଦୁଇଟି ପଦବୀ ଖାଲି ପଡିଛି ।

## ବିଏମ୍ସି ହାଇକୋର୍ଟ ନିର୍ଦ୍ଦେଶ ନମାନିବାରୁ ଉଠାଦୋକାନୀମାନଙ୍କ ମଧ୍ୟରେ ଉତ୍ତେଜନା



ଭୁବନେଶ୍ୱର ,(ପି.ଏନ) : ପ୍ରତ୍ୟେକ ଦିନ ଭଳି ଆଜି ମଧ ବି.ଏମ.ସି., ବି.ଡ଼ି.ର ଉଚ୍ଛେଦକାରୀ ଦଳ ଭୁବନେଶ୍ୱରର ବହୁ ଅଞ୍ଚଳରେ ଉଠାଦୋକାନୀ ଉଚ୍ଛେଦ କରିବା ପାଇଁ ଯାଇଥିବାବେଳେ ଉତ୍ତର ବି.ଏମ.ସି. ଜୋନ୍‌ର ଆପୋଲ ହସ୍ପିଟାଲ ପାଖରେ ଥିବା ଉଠାଦୋକାନୀ ଉଚ୍ଛେଦ ସମୟରେ ଏକ ଅପ୍ରତିକର ପରିସ୍ଥିତି ସୃଷ୍ଟି ହୋଇଥିଲା। ସେଠାରେ ଥିବା ସହିଦ ନଗର ଥାନାର ଏ.ଏସ.ଆଇ ସିନ୍ଧା' ଶେଖର ସାହୁ ଉଠାଦୋକାନୀମାନଙ୍କୁ ଫାୟାରିଙ୍ଗ ଓ ଲାଠି ଋର୍ଚ୍ଚ କରିବା ପାଇଁ ଧମକ ଦେବା ପରେ ଉଠାଦୋକାନୀମାନେ ଉତ୍ୟକ୍ତ ହୋଇଯାଇଥିଲେ ଏବଂ ସେଠାରେ ଏକ ପ୍ରକାର ଅପ୍ରତିକର ପରିସ୍ଥିତି ସୃଷ୍ଟି ହୋଇଥିଲା। ଯାହାଫଳରେ ନିଖିଳ ଉତ୍କଳ କ୍ଷୁଦ୍ର ବ୍ୟବସାୟୀ ଓ ଭେଣ୍ଡିଙ୍ଗ ଜୋନ୍ ମହାସଂଘର ସଂପାଦକ ସସ୍ମିତା ସାହୁ ଓ ଲଲାଟ କୁମାର ଓଝା ପହଞ୍ଚି ଦୋକାନୀମାନଙ୍କୁ ବୁଝାସୁଝା କରିଥିଲେ। ଯାହାଫଳରେ ଅପ୍ରିତିକର ପରିସ୍ଥିତି ଟଳିଯାଇଥିଲା। ଏହାବ୍ୟତିତ ସେଠାକାର ସଂଘ ମାନ୍ୟବର ହାଇକୋର୍ଟଙ୍କର ସ୍ଥିତାବସ୍ଥା ଥିବା ଅର୍ଡ଼ର ଡବ (ଉ) ଘକ୍ଷ.-୪୭୫୮/୨୪୫୫/୧୯ ତା.୦୬.୧୨.୨୦୨୪କୁ ବିଏମ୍ସି ଅଧିକାରୀଙ୍କୁ ଦେଖାଇଥିଲେ। ବିଏମ୍ସି ଅଧିକାରୀ ତାହା ନମାନିବାରୁ ଅଧିକ ଉତ୍ତେଜନା ଦେଖାଦେଇଥିଲା। ଅନ୍ୟପଟେ ଖଣ୍ଡଗିରୀ, ଗଣ୍ଡମୁଣ୍ଡା, ୟୁନିଟ୍-୨, ଫାୟାରଷ୍ଟେସନ ଛକମାନଙ୍କରେ ଥିବା ଉଠାଦୋକାନୀମାନଙ୍କୁ ଉଚ୍ଛେଦ ନକରିପାରି ଫେରିଥିଲେ। ସେଠାରେ ମହାସଂଘର ସବ୍ନମ ବିବୀ, ଭାରତୀ ସେଠୀ ପ୍ରମୁଖ ନେତୃତ୍ୱ ନେଉଥିବାବେଳେ ଏପରେ ମହାସଂଘର ଉପସଭାପତି ସୂର୍ଯ୍ୟମଣୀ ସାହୁ ମଧ ଜଏଣ୍ଟ ଡ଼େପୁଟି କମିଶନରଙ୍କ ସହିତ ଉଠାଦୋକାନୀମାନଙ୍କ ଥଇଥାନ ଉପରେ ଆଲୋଚନା କରିଥିଲେ। ନିଖିଳ ଓଡ଼ିଶା ରାସ୍ତାପାର୍ଶ୍ୱ ଉଠାଦୋକାନୀ ମହାସଂଘର ରାଜ୍ୟ ସଭାପତି ପ୍ରତାପ କୁମାର ସାହୁ ଅଭିଯୋଗ କରିଛନ୍ତି ଯେ ପ୍ରବାସୀ ଭାରତୀୟ ସମ୍ମିଳନୀ ପାଇଁ ଓଡ଼ିଶାରେ ୨୦ହଜାରରୁ ଅଧିକ ବ୍ୟକ୍ତି ଭୋକ ଉପାସରେ ରହି କାଳାତିପାତ କରିବେ। ଯଦି ମୁଖ୍ୟମନ୍ତ୍ରୀ ଏହି ଉଚ୍ଛେଦ ବନ୍ଦ ନକରନ୍ତି ତାହେଲେ ଉଠାଦୋକାନୀ ମାନେ ୫୫ଟି ରାସ୍ତାରେ ପ୍ରବାସୀ ଭାରତୀୟମାନ ଙ୍କୁ ପିକେଟିଙ୍ଗ ମାଧ୍ୟମରେ ବିରୋଧ କରିବେ। ଯଦି ଓଡ଼ିଶା ବିଶ୍ୱରେ ବଦନାମୀ ହୁଏ ସେଥିପାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀ ଦାୟି ରହିବେ ବୋଲି ଶ୍ରୀଯୁକ୍ତ ସାହୁ ଚେତାବନୀ ଦେଇଛନ୍ତି।




Printed & Puböished by Budhadev Mohapatra on behaöf of Hiranmayee Media Pvt. Ötd. & Printed at Mayur Offset Printers, Pöot No. D-1/1, Mancheswar Industriaö Estate, Bhubaneswar-751<0 & Puböished at N-4, F/24, IRC Viööage, Nayapaööi, Bhubaneswar, Dist-Khordha, Pin-751<5, Phone : (0674© 2550751/2555116, Fax No. : 2550504, E-maiö :editorpbkc@gmaiö.com, paryabekhyak@gmaiö.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray